## ସଂକ୍ଷେପରେ

### ପୋଖରୀରୁ ଶିଶୁକନ୍ୟାଙ୍କ ମୃତଦେହ ଉଦ୍ଧାର

**ବାସୁଦେବପୁର, ୨।୧ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୋପବନ୍ଧୁ ନଗର ପଞ୍ଚାୟତ ବଡମାହାରା ଗ୍ରାମର ଏକ ପୋଖରୀରୁ ବୁଧବାର ପୂର୍ବାହ୍ନରେ ୨ବର୍ଷର ଜଣେ ଶିଶୁକନ୍ୟାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଶିଶୁ ହେଲେ କୁଆମରା ଗ୍ରାମର ଗଣେଶ ମଣ୍ଡଳଙ୍କ ଝିଅ ମାମା। ସେ ପରିବାର ଲୋକଙ୍କ ସହ ମାମୁଘର ବଡମାହାରା ଗ୍ରାମର ଦିଲୀପ ମଣ୍ଡଳଙ୍କ ଘରକୁ ଆସିଥିଲେ। ମଙ୍ଗଳବାର ସନ୍ଧ୍ୟାଠାରୁ ସେ ନିଖୋଜ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ବୁଧବାର ଘର ନିକଟସ୍ଥ ପୋଖରୀରୁ ମାମାଙ୍କ ମୃତଦେହ ଉଦ୍ଧାର କରାଯାଇଛି। କଷିଆ ସାମୁଦ୍ରିକ ଥାନାରେ ଅପମୃତ୍ୟୁ ମାମଲା(ନଂ.୧/୧୯) ରୁଜୁ ହୋଇଛି।

### ବିଲରେ ଚାଷୀଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୨।୧ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ଅଧୀନ ସମ୍ପୋଇ ଗ୍ରାମର ଧନେଶ୍ୱର ବେହେରା ବୁଧବାର ସକାଳେ ବିଲରେ କାମ କରୁଥିବା ବେଳେ ପ୍ରାଣ ହରାଇଛନ୍ତି। ସେ ଧାନ ବିଲରେ କଚଡ଼ା ବାନ୍ଧୁଥିବା ବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ପରିବାର ଲୋକ ତାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସିସିଟିଭି ନଜରରେ ରହିବେ ଭିମ୍ସାର ପିଜି ପରୀକ୍ଷାର୍ଥୀ

**ଚିପିଲିମା, ୨।୧(ଡି.ଏନ.ଏ.):** ସମ୍ବଲପୁର ଜିଲା ବୁର୍ଲା ମେଡିକାଲ (ଭିମ୍ସାର) କଲେଜରେ ପିଜି ପରୀକ୍ଷା ଦେବାକୁ ଥିବା ଡାକ୍ତରୀ ଛାତ୍ରୀଛାତ୍ର ପରୀକ୍ଷା ସମୟରେ ସିସିଟିଭି ନଜରରେ ରହିବେ। ଆସନ୍ତା ଏପ୍ରିଲ/ମେ ମାସରେ ଭିମ୍ସାରରେ ଏହି ଡାକ୍ତରୀ ପିଜି ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାକୁ ବ୍ୟବସ୍ଥିତ କରିବାକୁ ହଲ୍‌ରେ ସିସିଟିଭି ବ୍ୟବସ୍ଥା କରାଯିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) ପରୀକ୍ଷା ପରିଚାଳନା ତଥା ତଦାରଖ କରିବ ବୋଲି ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧନ ବା ଆଫିଲିଏଶନ ପାଇଁ ଭିମ୍ସାର କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟକୁ ପ୍ରଥମେ ୭ ଲକ୍ଷ ଓ ପରେ ୪୧ ଲକ୍ଷ ଟଙ୍କାକୁ ମିଶାଇ ମୋଟ ୪୮ ଲକ୍ଷ ଟଙ୍କା ପଇଠ କରିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହା ଜଣାପଡିଛି।

### ମା’ବାପାଙ୍କୁ ହାଣିଲେ ପୁଅ

**ଯୋଡ଼ା, ୨।୧(ଡି.ଏନ.ଏ.)-** କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝର ଗ୍ରାମରେ ମଙ୍ଗଳବାର ଜଣେ ପୁଅ ତାଙ୍କ ମା’ବାପାଙ୍କୁ ମାରଣାସ୍ତ୍ର ଆକ୍ରମଣ କରିବା ଘଟଣା ଉକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସନ୍ଧ୍ୟାରେ ମା’ବାପାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏ ନେଇ ତାଙ୍କ ପୁଅ ରାଗି ଯାଇ ମା’ବାପାଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ପୁଅ କ୍ରୋଧରେ ଏକ ମାରଣାସ୍ତ୍ର ସାହାଯ୍ୟରେ ମା’ବାପାଙ୍କୁ ହାଣି ପକାଇଥିଲେ। ଗାଁ ଲୋକେ ଜାଣିବା ପରେ ଆମ୍ବୁଲାନ୍ସ ଡକାଇ ଦମ୍ପତିଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ଥାନାରେ କୌଣସି ଏତଲା ହୋଇ ନ ଥିବା ବିଲେଇପଦା ଫାଣ୍ଡି ଅଧିକାରୀ ନରେଶ କୁମାର ଦାସ ପ୍ରକାଶ କରିଛନ୍ତି।

### ସୁନୀଲ ମହାନ୍ତ ଗିରଫ

**ଯୋଡ଼ା, ୨।୧(ଡି.ଏନ.ଏ.)-** କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଅଧୀନ ଖଣ୍ଡବନ୍ଧ ଖଣି ଘେରାଉ ମାମଲାରେ ବୁଧବାର ଆଉ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସୁନୀଲ ମହାନ୍ତ। ସୁନୀଲ ବଡ଼ବିଲ ପୌରପାଳିକାର ପୂର୍ବତନ ଅଧକ୍ଷ ସ୍ୱର୍ଗତ କ୍ଷେତ୍ରମୋହନ ମହାନ୍ତଙ୍କ ପୁତ୍ର । ସେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ଏକାନ୍ତ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ। ଘଣି ଘେରାଉ ମାମଲାରେ ପୂର୍ବରୁ ଯୋଡ଼ା ଓ ବାମେବାରୀ ଅଞ୍ଚଳରୁ ୯ ଜଣଙ୍କୁ ପୋଲିସ ଗିରଫ କରିସାରିଛି।

ଖଣ୍ଡବନ୍ଧ ଖଣିରେ ନିଯୁକ୍ତି ଦାବିକରି ଜୁରୁଡ଼ି, ଜଜାଙ୍ଗ, ଜଲହରି ପଞ୍ଚାୟତର ଶତାଧିକ ମହିଳାପୁରୁଷ ଆନ୍ଦୋଳନ କରିଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଧରପଗଡ଼ ଆରମ୍ଭ କରିଥିଲା। ସୁନୀଲ ପ୍ରଚ୍ଛଦପଟରେ ରହି ଉକ୍ତ ଘଟଣା ଭିଆଇଥିବା ପୋଲିସ ଜାଣିବାକୁ ପାଇବା ପରେ ତାଙ୍କୁ ଗିରଫ କରାଯାଇଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

# ଛାତ୍ରୀଙ୍କୁ କମେଣ୍ଟମରାକୁ ନେଇ ଉତ୍ତେଜନା

**ଚାନ୍ଦବାଲି, ୨।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ଅଞ୍ଚଳର ଏକ ହାୟର ସେକେଣ୍ଡାରୀ ସ୍କୁଲରୁ ଫେରୁଥିବା କେତେକ ଛାତ୍ରୀଙ୍କୁ ରାସ୍ତାରେ କମେଣ୍ଟମରାକୁ ନେଇ ବୁଧବାର ଉତ୍ତେଜନା ସ୍ଥିତି ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ଯୁବକଙ୍କୁ ଗିରଫ ଓ ଯାତାୟାତ ବେଳେ ସୁରକ୍ଷା ଦାବିରେ ଛାତ୍ରୀ, ସେମାନଙ୍କ ପରିବାର ଓ

**୨ ଘଣ୍ଟା ରାସ୍ତାରୋକୋ**

ସ୍ଥାନୀୟ ଲୋକେ ଭଦ୍ରକ -ଚାନ୍ଦବାଲି ମୁଖ୍ୟରାସ୍ତାକୁ ପରମାନନ୍ଦପୁର ତାରିଣୀ ଛକରେ ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଚାନ୍ଦବାଲି ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ୨ ଘଣ୍ଟାର ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ପୋଲିସ ଅଭିଯୋଗକାରୀଙ୍କୁ ଥାନାକୁ ଡକାଇ ସେମାନଙ୍କଠାରୁ ଲିଖିତ ଅଭିଯୋଗ ଗ୍ରହଣ କରିବା ସହ ପଚରାଉଚୁରା କରିଥିଲା। ତେବେ ଏହି ଘଟଣା ପରେ ସମ୍ପୃକ୍ତ ଯୁବକମାନେ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

ଛାତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ସ୍କୁଲର ୫ ଛାତ୍ରୀ ବୁଧବାର ମଧାହ୍ନରେ କ୍ଲାସ୍ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ହଳଦୀଗଣ୍ଡ ପୋଲ ନିକଟରେ ୫ ଯୁବକ ସେମାନଙ୍କୁ କମେଣ୍ଟ ମାରିବା ସହ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ଛାତ୍ରୀମାନେ ପାଟି କରିବାରୁ ସେମାନେ ଚାଲିଯାଇଥିଲେ। ଖବର ପାଇ ସମ୍ପୃକ୍ତ ଛାତ୍ରୀମାନଙ୍କ ପରିବାର ଲୋକେ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ଯୁବକମାନଙ୍କୁ ତୁରନ୍ତ ଗିରଫ ଦାବିରେ ସେମାନେ ରାସ୍ତାରୋକୋ କରିଥିଲେ। ମତୋ ଫାଣ୍ଡି ଅଧିକାରୀ ସଦଳବଳ ସେଠାରେ ପହଞ୍ଚିଥିଲେ ମଧ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋରୁ ହଟି ନ ଥିଲେ। ଚାନ୍ଦବାଲି ଥାନାଧିକାରୀଙ୍କ ବୁଝାଶୁଝା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



ଭଦ୍ରକ-ଚାନ୍ଦବାଲି ରାସ୍ତା ଅବରୋଧ।

# ନାବାଳିକା ଝିଅାରୀଙ୍କୁ ଅସଦାଚରଣ ଅଭିଯୋଗ

**ଉଦଳା, ୨।୧ (ଡି.ଏନ.ଏ.)**

- ସମ୍ପର୍କୀୟ ମଉସା, ସାଥୀଙ୍କୁ ନିର୍ଘୁମ ମାଡ
- ଗଛରେ ବାନ୍ଧିଲେ ଗ୍ରାମବାସୀ
- ଅଟକ ରଖି ପଚରାଉଚରା କରୁଛି ପୋଲିସ

ପିଉସାଙ୍କ ଘରେ ଛାଡି ଦେବାକୁ କହି ନାବାଳିକା ଝିଆରୀଙ୍କୁ ଘରୁ ଡାକି ଆଣି ସମ୍ପର୍କୀୟ ମଉସା ଓ ତାଙ୍କ ସହଯୋଗୀ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ନାବାଳିକାଜଣକ ନିଜ ପିଉସାଙ୍କ ନିକଟରେ ପୂରା ଘଟଣା ଜଣାଇବା ପରେ ବୁଧବାର ସମ୍ପର୍କୀୟ ମଉସା ଏବଂ ତାଙ୍କ ସହଯୋଗୀଙ୍କୁ ଗଛରେ ବାନ୍ଧି ଗ୍ରାମବାସୀ ନିର୍ଘୁମ ଛେଚିଛନ୍ତି। ଏଭଳି ଘଟଣା ଘଟିଛି ଉଦଳା ଥାନା ଗୋପବନ୍ଧୁନଗର ବ୍ଲକ ଦିଘି ଅଞ୍ଚଳରେ ।

ଖୁଣ୍ଟା ଥାନା ସାଇଁକୁଳା ପଞ୍ଚାୟତ ଅଞ୍ଚଳର ନାବାଳିକାଙ୍କ ମଙ୍ଗଳବାର ନିଜ ପିଉସା ଘରକୁ ଯିବାକୁ ବାହାରିଥିଲେ। ଏହା ଶୁଣି ସମ୍ପର୍କୀୟ ମଉସା ଓ ତାଙ୍କ ସହଯୋଗୀ ସେଠାରେ ଛାଡି ଦେବାକୁ କହି ବାଇକ୍‌ରେ ତାଙ୍କୁ ଘରୁ ନେଇ ଆସିଥିଲେ। ହେଲେ ବାଟରେ ଉଭୟ ନାବାଳିକାଙ୍କୁ ଅସଦାଚରଣ କରିବା ପରେ ପିଉସାଙ୍କ ଗ୍ରାମ ମୁଣ୍ଡରେ ଛାଡି ଚାଲିଯାଇଥିଲେ । ତେବେ ନାବାଳିକା ଜଣକ ନିଜ ପିଉସା ଘରେ ପହଞ୍ଚି ପୁରା ଘଟଣା କହିଥିଲେ। ବୁଧବାର ପୁନର୍ବାର ଉଭୟ ଉକ୍ତ ଗ୍ରାମକୁ ଆସିଥିଲେ। ଏହା ଦେଖି ଉତ୍ତ୍ୟକ୍ତ ଗ୍ରାମବାସୀ ଉଭୟଙ୍କୁ ଏକ ଗଛରେ ଦଉଡିରେ ବାନ୍ଧି ନିସ୍ଥୁକ ଛେଚିଥିଲେ। ଖବର ପାଇ ସ୍ଥାନୀୟ ଥାନା ପୋଲିସ୍ ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଛି। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବାରୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ। ତେଣୁ ପୋଲିସ ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଉଦଳା ଥାନା ଅଧିକାରୀ ସନାତନ ସାହୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

# ପ୍ରଶାସନ ପକ୍ଷରୁ ବାଲି ଉତ୍ସରେ ଚଢ଼ାଉ

## ୨ ସମ୍ପପମ୍ପ ସମେତ ଜେସିବି ଜବତ



ବାଲି ଉତ୍ସରେ ତହସିଲଦାରଙ୍କ ସମେତ ପ୍ରଶାସନିକ ଅଧିକାରୀ।

**ଜଳେଶ୍ୱର, ୨।୧ (ଡି.ଏନ୍.ଏ.):** ବାଲେଶ୍ୱର ଜିଲାପାଳ ରମେଶଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଉପ ଜିଲାପାଳ ନିଲୁ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜଳେଶ୍ୱର ତହସିଲଦାର ଅଭିମନ୍ୟୁ ପଣ୍ଡା ଓ ପୋଲିସ ଏସଡିପିଓ ରାମଚନ୍ଦ୍ର ଗୌଡୁ ସଦଳବଳେ ତହସିଲ ଅଧୀନ ସୁବର୍ଣ୍ଣରେଖା ନଦୀର ଚାଲନ୍ତୀ ବାଲି ଉତ୍ସରେ ଅତର୍କିତ ଭାବେ ଚଢ଼ାଉ କରିଥିଲେ। ନଦୀଗର୍ଭରୁ ବେଆଇନ୍ ବାଲି ଉତ୍ତୋଳନରେ ବ୍ୟବହୃତ ପ୍ରାୟ ୩୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨ଟି ଉଚ୍ଚକ୍ଷମତା ସମ୍ପନ୍ନ ସମ୍ପପମ୍ପ ମେଶିନ, ଗୋଟିଏ ବଡ଼ ଜେସିବି ଓ ବାଲି ବୋଝେଇ ଡମ୍ପର(ଓଡି୦୧ଏକ୍ସ-୩୫୫୫) ପୋଲିସ ଜବତ କରିଛି। ବଡ଼ ସମ୍ପପମ୍ପ ମେଶିନ ଦ୍ୱାରା ବେଆଇନ୍ ଭାବେ ପରିବେଶ ଆଇନ୍‌କୁ ଉଲ୍ଲଂଘନ କରି ନଦୀଗର୍ଭର ୫୦ ଫୁଟ୍ ଗଭୀରରୁ ମୋଟା ପାଇପ୍ ଯୋଗେ ବାଲି ଉତ୍ତୋଳନ କରାଯାଉଥିଲା। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ କଡ଼ା ନିର୍ଦ୍ଦେଶ ଓ କଟକଣା ସତ୍ତ୍ୱେ ଉକ୍ତ ବାଲି ଉତ୍ସରେ ଏହିଭଳି ବେଆଇନ୍ ବାଲି ଉତ୍ତୋଳନ କରାଯିବାଫଳରେ ନଦୀ କୂଳବର୍ତ୍ତୀ ଅଞ୍ଚଳର ଜମି ନଦୀ ଗର୍ଭରେ ଲୀନ ହେବାକୁ ବସିଛି। ବେଆଇନ୍ ବାଲି ଉତ୍ତୋଳନକୁ ନେଇ ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ।

# ସ୍କୁଲ ବିବାଦୀୟ ଜମିରୁ ଗଛ କଟାରୁ ଉତ୍ତେଜନା

**ଜଳେଶ୍ୱର, ୨।୧(ଡି.ଏନ୍.ଏ.)**

ଏକ ସ୍କୁଲର ବିବାଦୀୟ ଜମିରୁ ଗଛକଟାକୁ ନେଇ ବୁଧବାର ଗୋପ ଗ୍ରାମବାସୀ ସ୍ଥାନୀୟ ତହସିଲଦାରଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ଲକ୍ଷ୍ମଣନାଥ ପଞ୍ଚାୟତର ଗୋପ ଗ୍ରାମସ୍ଥିତ ସତୀନ୍ଦ୍ରନାଥ ନୋଡାଲ ସ୍କୁଲର ଏକ ବିବାଦୀୟ ଜମି ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏହି ଜମିରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଶାଗୁଆନ୍, ନିମ୍ବ ଓ ଆକାଶି ଗଛ କାଟି ବିକ୍ରି ଲାଗି ଉଦ୍ୟମ କରାଯାଉଥିବାବେଳେ ଗ୍ରାମବାସୀ ବିରୋଧ କରଛନ୍ତି। ନିକଟସ୍ଥ ଏକ ଗ୍ରାମର ଜଣେ ବ୍ୟକ୍ତି ଏହି ଗଛ ଗୁଡ଼ିକୁ କିଣି କାଟି ନେଇଯାଉଥିବା ବେଳେ ଗ୍ରାମବାସୀଙ୍କ ନଜରକୁ ଆସିଥିଲା। ଏନେଇ ସମ୍ପୃକ୍ତ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ସ୍କୁଲର ପ୍ରଧାନଶିକ୍ଷକ ଅନ୍ୟମାନଙ୍କ ସହିତ ମିଶି ଏଭଳି କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗ କରି ତାଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଅନ୍ୟମାନଙ୍କୁ ଗିରଫ କରାଯାଉ ବୋଲି ସ୍ଥାନୀୟ ବିଇଓ, ଥାନା ଆଇଆଇସି, ଜିଲାପାଳ, ବିଧାୟକ,ଏମପିଙ୍କଠାରେ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ସ୍କୁଲର ପ୍ରଧାନଶିକ୍ଷକ ସୃଷ୍ଟିଧର ସେଠୀଙ୍କୁ ପଚାରିବାରୁ ସ୍କୁଲ କମିଟିର ଲିଖିତ ନିଷ୍ପତ୍ତିକ୍ରମେ ଗଛ କଟାଯାଇଛି। ଅସଲି(ପୁରୁଣା) ରିଜଲ୍ୟୁଶନ ଖାତାରେ ତାହା ଲେଖା ନ ହୋଇ ଅନ୍ୟ ଏକ ନୂଆ ଖାତାରେ ଲେଖା ହୋଇଛି। ଏଥିରେ ମୋର କୌଣସି ଭୂମିକା ନାହିଁ ବୋଲି ସେ କହିଛନ୍ତି।



ସ୍କୁଲର ବିବାଦୀୟ ଜମିରୁ ଗଛ କଟାଯାଇଛି।

# ଆଜି ରାଇରଙ୍ଗପୁର ବନ୍ଦ

**ରାଇରଙ୍ଗପୁର, ୨।୧(ଡି.ଏନ.ଏ.)**

- ପଶ୍ଚିମ ମୟୂରଭଞ୍ଜ ରାଜସ୍ୱ ଜିଲା ଗଠନ ଦାବି
- ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ପଶ୍ଚିମ ମୟୂରଭଞ୍ଜକୁ ନୂତନ ରାଜସ୍ୱ ଜିଲା ଗଠନ ଦାବି ନେଇ ବୁଧବାର ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଇରଙ୍ଗପୁର ଓକିଲ ସଂଘ ସମେତ ବିଭିନ୍ନ ଦଳୀୟ କର୍ମକର୍ତ୍ତା ଓ ଅନ୍ୟ ସଙ୍ଗଠନ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ଏହି ବିକ୍ଷୋଭ ସମାବେଶରେ ଶାସକ ବିଜେଡି, କଂଗ୍ରେସ, ଭାଜପା ଏବଂ ଜେଏମଏମ୍ ସମେତ ଓକିଲ ସଂଘର ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ରାଇରଙ୍ଗପୁର ସବ୍‌ଡିଭିଜନର ବିଭିନ୍ନ ସମସ୍ୟାର ସମାଧାନ ପ୍ରତି ଦୀର୍ଘ ଦିନର ଦାବି ସତ୍ତ୍ୱେ କେହି ଆନ୍ତରିକତା ପ୍ରକାଶ କରୁ ନାହାନ୍ତି। ତେଣୁ ତୁରନ୍ତ ରାଜ୍ୟ ସରକାର ରାଇରଙ୍ଗପୁର ସବ୍‌ଡିଭିଜନକୁ ପଶ୍ଚିମ ମୟୂରଭଞ୍ଜ ରାଜସ୍ୱ ଜିଲା ମାନ୍ୟତା ଦେବାକୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପଶ୍ଚିମ ମୟୂରଭଞ୍ଜ ନୂତନ ରାଜସ୍ୱ ଜିଲା ଗଠନ କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ଓକିଲ ସଂଘ ସଭାପତି ଅକ୍ଷୟ କୁମାର ମହାନ୍ତି ଏବଂ କାର୍ଯ୍ୟକାରୀ ସଭାପତି ପ୍ରାକ୍ତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କ ନେତୃତ୍ୱରେ କଂଗ୍ରେସ ଦଳୀୟ ପ୍ରାକ୍ତନ ବିଧାୟକ ଲକ୍ଷ୍ମଣ ମାଝୀ, ଯୁବ କଂଗ୍ରେସ ନେତା ବିକାଶଚନ୍ଦ୍ର ମହାନ୍ତ, କିଶୋର କୁମାର ରଜାକ୍, ଜେଏମ୍ଏମର ସୁନୀଲ ମାଝୀ, ବିଜେଡିର ପାର୍ଥ ସାରଥି କବି ଏବଂ ଦିପ୍ତିମୟୀ ବରାଳ, ବଣିକ ସଂଘର ସମ୍ପାଦକ ଅଶୋକ କୁମାର ଅଗ୍ରୱାଲ, ଓକିଲ ସଂଘର ରସାନନ୍ଦ ଲେଙ୍କା ଏବଂ ପ୍ରଭାସ କବି ପ୍ରମୁଖ ସାମିଲ ଥିଲେ।




ରାଜ୍ୟ ବୟନ ଏବଂ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନରେ ଆରମ୍ଭ ହୋଇଛି ଜାତୀୟ ତୋଷାଳି କ୍ରାଫ୍ଟ ମେଳା। ଏହି ଅବସରରେ ଜଣେ ମହିଳା ଟେରାକୋଟା କଳାକୃତି ଦେଖୁଛନ୍ତି।

# ଜଙ୍ଗଲରୁ ମିଳିଲା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

**ଆର୍.ଉଦୟଗିରି, ୨।୧(ଡି.ଏନ୍.ଏ.)**

- ୨୨ ଦିନ ହେବ ନିଖୋଜ ଥିଲେ
- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଗଜପତି ଜିଲା ଆର.ଉଦୟଗିରି ଥାନା ଛେଳିଗଡ଼ରେ ରହି ପାଠ ପଢୁଥିବା ରାମଗିରି ଅଞ୍ଚଳର ଜଣେ ଛାତ୍ରୀଙ୍କ ମୃତଦେହ ପୋଲିସ ଜଙ୍ଗଲରୁ ମିଳିଛି। ନିଖୋଜର ୨୨ଦିନ ପରେ ପାତ୍ରବସା ଜଙ୍ଗଲର ଏକ ଜାମୁଗଛରୁ ତାଙ୍କର ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ଝିଅକୁ ବଳାତ୍କାର ପରେ କେହି ମାରି ଟାଙ୍ଗି ଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ସଂପୃକ୍ତ ଛାତ୍ରୀ ଅନ୍ୟ ୨ ଛାତ୍ରୀଙ୍କ ସହ ଛେଳିଗଡରେ ଘରଭଡା ନେଇ ରହୁଥିଲେ। ସେ ଗାଁ ନିକଟ ଏକ ସ୍କୁଲରେ ପଢୁଥିଲେ। ଡିସେମ୍ବର ୧୦ରେ ୨ ଛାତ୍ରୀ ସ୍କୁଲକୁ ଯାଇଥିବାବେଳେ ସଂପୃକ୍ତ ଛାତ୍ରୀ ଜଣକ କୌଣସି କାରଣରୁ ମେସ୍‌ରେ ରହିଥିଲେ। ସ୍କୁଲରୁ ଛାତ୍ରୀଦ୍ୱୟ ମେସ୍‌କୁ ଫେରି ସହପାଠିନୀଙ୍କ କୌଣସି ଖୋଜଖବର ନ ପାଇ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଛେଳିଗଡରେ ପହଞ୍ଚି ପଚରାଉଚରା କରିବା ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ୨୪ ତାରିଖରେ ପରିବାର ଲୋକେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏନେଇ କୌଣସି ତତ୍ପରତା ଦେଖାଇ ନ ଥିଲା। ବୁଧବାର ପାତ୍ରବସା ଗ୍ରାମର ଜଣେ ମହିଳା ଆର.ଉଦୟଗିରି ଥାନାକୁ ଫୋନ କରି ନିକଟସ୍ଥ ଜଙ୍ଗଲରେ ଥିବା ଏକ ଜାମୁଗଛରେ ଜଣେ ଝିଅର ମୃତଦେହ ଝୁଲୁଥିବା ଜଣାଇଥିଲେ। ପୋଲିସ ଏବଂ ଏସ୍‌ଡିପିଓ ଅନିଲ କୁମାର ପ୍ରଧାନ ମୃତଦେହ ଜବତ କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କେସ ନଂ.୧/୨୦୧୯।

ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି ଯେ, ରାମଗିରି ଟିଆର କଲୋନୀର ଜଣେ ଯୁବକ ସହ ମୋ ଝିଅର ପ୍ରେମ ସମ୍ପର୍କ ଥିଲା। ସେ ବଳାତ୍କାର କରିବା ପରେ ମୋ ଝିଅକୁ ମାରି ଟାଙ୍ଗି ଦେଇଛନ୍ତି। ମାତ୍ର ପୋଲିସ କହିଛି ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ । ଗତ ୨୪ ତାରିଖରୁ ଏ ନେଇ ଅଭିଯୋଗ ହୋଇଥିଲା । ପୋଲିସ ତଦନ୍ତରେ ଢିଲା ଯୋଗୁ ଏପରି ଘଟିଲା ବୋଲି ନାବାଳିକାଙ୍କ ମାମୁ ଅଭିଯୋଗ କରିଛନ୍ତି।

# ହାଣ୍ଡିଭଙ୍ଗା ଜଙ୍ଗଲକୁ ଚାଲିଗଲେ ହାତୀପଲ

**ଝୁମ୍ପୁରା, ୨।୧(ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ କାର୍ଯାଳୟ ସମ୍ମୁଖସ୍ଥ ଆମ୍ବ ବଗିଚାରେ ଆତଙ୍କ ଖେଳାଇଥିବା ହାତୀପଲ ବୁଧବାର ସନ୍ଧ୍ୟାରେ ଶ୍ରୀରାମପୁର ଖମାର ରାସ୍ତା ଦେଇ ସଦର ବ୍ଲକ ହାଣ୍ଡିଭଙ୍ଗା ଜଙ୍ଗଲକୁ ଚାଲି ଯାଇଛନ୍ତି। ପୋଲିସ, ବନ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ହାତୀ ଘଉଡାଇବାରେ ଲାଗି ପଡ଼ିଥିଲେ। ପଲରେ ୮ ହାତୀ ରହିଥିଲେ। ସେମାନଙ୍କ ମଧ୍ୟରୁ ୩ ହାତୀର ସୂଚନା ବନ ବିଭାଗ ପାଇପାରିନାହିଁ। ହରିପଶି ଗ୍ରାମର ୩ ଜଣ ଚାଷୀ ହାତୀପଲ ଦ୍ୱାରା ବାଡିବଗିଚା ନଷ୍ଟ ହୋଇଥିବା ଉଖୁଣ୍ଡା ବନ ବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ଝୁମ୍ପୁରା ଆମ୍ବ ବଗିଚାକୁ ପଶିବା ପୂର୍ବରୁ ହାତୀପଲ ଅର୍ଶଳା ଏବଂ ଶ୍ରୀରାମପୁର ଗ୍ରାମର ୪ ଚାଷୀ ଖଳାରେ ରଖାଯାଇଥିବା ଧାନ ବସ୍ତା ଖାଇଦେଇଥିବା ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ୩୦୦ ବିଡ଼ା ଧାନ ଜାଳିଦେଲେ ଦୁର୍ବୃତ୍ତ

ରାସୋଳ, ୨।୧(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ରାସୋଳ ଥାନା ଅନ୍ତର୍ଗତ ନାଉକିଆରୀ ଗ୍ରାମର ଗଦାଧର ଭୋଇଙ୍କ କଟାଯାଇଥିବା ଧାନ ବିଡ଼ାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଅଗ୍ନିକାଣ୍ଡରେ ଅମଳ ହେବାକୁ ଥିବା ୩ଶହ ବିଡ଼ା ଧାନ ଜଳିପୋଡ଼ି ଛାରଖାର ହୋଇଯାଇଛି। ଗଦାଧର ଜଣେ ଦିନ ମଜୁରିଆ। ଅଳ୍ପଜମିରେ ଧାନ ଚାଷ କରିଥିଲେ। ମଙ୍ଗଳବାର ଧାନ କାଟି ହୁଡ଼ାରେ ରଖିଥିଲେ। ବୁଧବାର ଟ୍ରାକ୍ଟର ନେଇ କଟାଯାଇଥିବା ଧାନ ଆଣିବାକୁ ଗଲାବେଳକୁ କେହି ସେଥିରେ ନିଆଁ ଲଗାଇ ଦେଇଥିବା ଦେଖି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁକିଛି ଛାରଖାର ହୋଇଯାଇଥିଲା। ବର୍ଷକର କଷ୍ଟାର୍ଜିତ ଶସ୍ୟ ହରାଇ ସର୍ବସ୍ୱାନ୍ତ ହୋଇପଡ଼ିଥିବା ଗଦାଧରଙ୍କୁ ସହାୟତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଛାତ୍ରୀଙ୍କୁ ଅସଦାଚରଣ, ଯୁବକ ଗିରଫ

ଢେଙ୍କାନାଳ ଅଫିସ, ୨।୧
ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ମଙ୍ଗଳବାର ଅସଦାଚରଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ପର୍ଶୁ ଦେହୁରୀ(୨୬)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ନଂ. ୩/୧୯, ଦଫା ୩୪୧, ୩୨୩, ୩୫୪ (ଡି) ଓ ୧୨ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ମଳୟ ନାୟକ ସୂଚନା ଦେଇଛନ୍ତି। ଅପରାହ୍ନରେ ସମ୍ପୃକ୍ତା ଛାତ୍ରୀ ସାଇକେଲ ଧରି ଟିୟୁସନରୁ ଫେରୁଥିବାବେଳେ ଏକାକୀ ପାଇ ପର୍ଶୁ ତାଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀଜଣକ ପାଟି କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ଉଦ୍ଧାର କରିଥିଲେ।

### ରୋଟାରିଆନ୍‌ଙ୍କ ବିୟୋଗରେ ଶୋକ

ଢେଙ୍କାନାଳ ଅଫିସ, ୨।୧
ଢେଙ୍କାନାଳ ରୋଟାରି କ୍ଲବ ସଦସ୍ୟ ତଥା ନୀଳାଚଳ ରିଫ୍ରାକ୍ଟୋରିଜ ଲିମିଟେଡର ବରିଷ୍ଠ ସାଧାରଣ ପରିଚାଳକ ଏସ୍. ଶ୍ରୀନିବାସନ୍‌ଙ୍କ ୨୮ ତାରିଖରେ ହୃଦ୍‌ଘାତରେ ପରଲୋକ ହୋଇଯାଇଥିଲା। ତାଙ୍କୁ ୭୫ବର୍ଷ ହୋଇଥିଲା। ରୋଟାରି କ୍ଲବରେ ବୁଧବାର ଆୟୋଜିତ ଶୋକସଭାରେ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଜଣେ ଦକ୍ଷ କମ୍ପାନୀ ପ୍ରଶାସକ ଭାବେ ତାଙ୍କର ପରିଚିତି ଥିଲା। ବଳଦିଆବନ୍ଧସ୍ଥିତ ରୋଟାରି ଚକ୍ଷୁ ଚିକିତ୍ସାଳୟ, ଗଜମରା ରୋଟାରି ବିଦ୍ୟାମନ୍ଦିର ଏବଂ ରୋଟାରି କମ୍ୟୁନିଟି କର୍ପସ୍ ପ୍ରତିଷ୍ଠାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା। ୧୯୯୦-୯୧ ବର୍ଷରେ ସେ ରୋଟାରି କ୍ଲବ ସଭାପତି ଥିଲେ। ଶୋକସଭାରେ ଡା. ବିଧୂଭୂଷଣ ନନ୍ଦ, ଡା. ବଳଭଦ୍ର ରାମ, ଡା. ଭବାନୀଶଙ୍କର ଦାସ, ଡା. ଅବୋଧ ମହାପାତ୍ର, ଦେବବ୍ରତ ଭଞ୍ଜ, ରାଜେନ୍ଦ୍ର ଦାସ, ବିନୋଦ ଅଗ୍ରୱାଲ, ବିଶ୍ୱଜିତ୍ ଦାସଗୁପ୍ତା, ପ୍ରଦୀପ୍ତ ତ୍ରିପାଠୀ, ଗୌରବ ସରୋଗୀ, ସରୋଜ ମହାନ୍ତି, ରାଜକିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷାବିତ୍‌ଙ୍କ ପରଲୋକ



ଢେଙ୍କାନାଳ ଅଫିସ, ୨।୧
ଢେଙ୍କାନାଳ ସହର କୁଞ୍ଜକାନ୍ତ ଅଞ୍ଚଳରେ ରହୁଥିବା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଶତପଥୀ (୯୧)ଙ୍କ ସୋମବାର ଭୋର ସାଢ଼େ ୪ଟାରେ ପରଲୋକ ହୋଇଯାଇଛି। ଅନ୍ତିମ ସମୟରେ ତାଙ୍କ ନିକଟରେ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବାଲେଶ୍ୱର ଜିଲା ସ୍କୁଲ, ଭୁବନେଶ୍ୱର ୬ନଂ. ୟୁନିଟ୍‌ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଠଗଡ଼ ଶିକ୍ଷକ ତାଲିମ ପ୍ରତିଷ୍ଠାନ, ଆଠମଲ୍ଲିକସ୍ଥିତ ମହେନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦବୀରେ ରହିଥିଲେ ପ୍ରଫୁଲ୍ଲ। ସେହିପରି ଜିଲା ବିଦ୍ୟାଳୟ ସମୂହ ପରିଦର୍ଶକ ଭାବେ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି

# ଆକର୍ଷଣ ସାଜିବ ପୁଷ୍ପ ପ୍ରଦର୍ଶନୀ

ଢେଙ୍କାନାଳ ଅଫିସ, ୨।୧



ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

■ଜାନୁୟାରୀ ୨୨ରୁ ୩ଦିନିଆ ଅଭ୍ୟାସ ପରେଡ
■ଆୟୋଜିତ ହେବ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍

ଜାନୁୟାରୀ ୨୬ରେ ୭୦ତମ ସାଧାରଣତନ୍ତ୍ର ଦିବସ। ଏହି ଜାତୀୟ ଦିବସକୁ ଆଡମ୍ବର ସହକାରେ ପାଳନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ଢେଙ୍କାନାଳ ଜିଲା ପ୍ରଶାସନ। ଏ ନେଇ ବୁଧବାର ସଦର ବ୍ଲକ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପୱନ କଲ୍ୟାଣ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତ ସାଧାରଣତନ୍ତ୍ର ଦିବସରେ ପ୍ରମୁଖ ଆକର୍ଷଣ ସାଜିବ ପୁଷ୍ପ ପ୍ରଦର୍ଶନୀ। ଏଥିସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପୂର୍ବ ନିର୍ଦ୍ଧାରିତ ସମୟରେ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଦିବସ ପାଳନ ଅବସରରେ ସକାଳ ସାଢ଼େ ୭ଟାରେ ସମସ୍ତ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୮ଟାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ହେବ। ସାଢ଼େ ୮ଟାରେ ଷ୍ଟାଡିୟମରେ ଜିଲାସ୍ତରୀୟ ସମ୍ମିଳିତ ପରେଡ ଆୟୋଜିତ ହେବ। ପରେଡକୁ ଅଧିକ ଉଚ୍ଚକୋଟୀର କରିବାକୁ ୨୨ରୁ ୨୪ ତାରିଖ ଯାଏ ପରେଡ୍ ପୂର୍ବାଭ୍ୟାସ ହେବ। ପୁଷ୍ପ ପ୍ରଦର୍ଶନୀ, ପ୍ରଜ୍ଞାପନ ମେଢ଼, ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଓ ହକି ମ୍ୟାଚ୍ ସାଧାରଣତନ୍ତ୍ର ଦିବସକୁ ଅଧିକ ଆକର୍ଷଣୀୟ କରିବ। ସରକାରୀ କାର୍ଯ୍ୟାଳୟ, ବାଣିଜ୍ୟ ପ୍ରତିଷ୍ଠାନ ଏବଂ ବିଭିନ୍ନ ଅନୁଷ୍ଠାନରେ ଆଲୋକସଜ୍ଜା କରାଯିବ ବୋଲି କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ଏହାକୁ ବାଦ୍‌ଦେଲେ ରୋଟାରୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ଶିକ୍ଷା ଓ ବାଣିଜ୍ୟ ପ୍ରତିଷ୍ଠାନ ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ, ଜେଲ ଏବଂ ଶିଶୁଗୃହରେ ମିଷ୍ଟାନ୍ନ ବଣ୍ଟନ ସହ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ଏସ୍‌ପି ସନ୍ତୋଷ କୁମାର ନାୟକ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ପୀତାମ୍ବର ସାମଲ, ଜିଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ୧୦, ୧୧, ୧୫ ତାରିଖରେ ପ୍ରତିଯୋଗିତା

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜାନୁୟାରୀ ୧୦ରେ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ବକ୍ତୃତା, ୧୧ ତାରିଖରେ ଦେଶାତ୍ମବୋଧକ ସଙ୍ଗୀତ ଅନୁଷ୍ଠିତ ହେବ। ସମାନ ଦିବସରେ କଲେଜସ୍ତରୀୟ ପ୍ରତିଯୋଗିତା ସୂଚନାକେନ୍ଦ୍ରରେ ଆୟୋଜିତ ହେବ। ସେହିପରି ୧୫ ତାରିଖରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗୋପବନ୍ଧୁ ଟାଉନ୍‌ହଲରେ ଜଣାଅଜଣା ପ୍ରତିଯୋଗିତା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସେଠାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

### ଷ୍ଟାଡିୟମ୍‌ରେ ଦମନ ହେବ ଅସାମାଜିକ କାର୍ଯ୍ୟ

ଢେଙ୍କାନାଳ ଷ୍ଟାଡିୟମରେ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଅନ୍ଧାର ରାତିର ସୁଯୋଗରେ ମଦ୍ୟପମାନେ ଗ୍ୟାଲେରିରେ ଆଡ୍ଡା ଜମାଉଛନ୍ତି। ସାଧାରଣତନ୍ତ୍ର ଦିବସରେ ଷ୍ଟାଡିୟମରେ ଏକାଧିକ କାର୍ଯ୍ୟକ୍ରମ ରହିଥିବାବେଳେ ଅସାମାଜିକ କାର୍ଯ୍ୟକଳାପ ଦମନ କରାଯିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।


ଇରମ ଶହୀଦ ପୀଠରେ ପାଚେରି ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି।

# ଅବହେଳିତ ଇରମ ଶହୀଦ ସ୍ମୃତିପୀଠ

ପଦ୍ମପୁର, ୨।୧ (ଡି.ଏନ.ଏ.)
ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ରକ୍ତତୀର୍ଥ ଇରମ ଶହୀଦ ସ୍ମୃତିପୀଠ ଅବହେଳିତ ଅବସ୍ଥାରେ ରହିଛି। ପ୍ରଶାସନିକ ରକ୍ଷଣାବେକ୍ଷଣ ଅଭାବରୁ ପୀଠରେ ଚାରିଆଡ଼େ ଅଳିଆ ଆବର୍ଜନା ପଡ଼ି ରହିଛି। ଶହୀଦମାନଙ୍କ ପ୍ରତି ଏହା ଅପମାନ। ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଦ୍ୱିତୀୟ ଜାଲିୱାନାୱାଲାବାଗ ଭାବେ ପରିଚିତ ଏହି ଶହୀଦ ସ୍ମୃତିପୀଠ ପ୍ରତି ସରକାରଙ୍କର ଦରଦ ନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲ ପକ୍ଷରୁ କୁହାଯାଇଛି।

୧୯୪୨ ସେପ୍ଟେମ୍ବର ୨୮ ତାରିଖ ସନ୍ଧ୍ୟାରେ ଇଂରେଜଙ୍କ ଗୁଳିରେ ଟଳି ପଡ଼ିଥିଲେ ୨୮ ଜଣ ସ୍ୱାଧୀନତା ସଂଗ୍ରାମୀ। ରକ୍ତରଞ୍ଜିତ ହୋଇଯାଇଥିଲା ଇରମର ପବିତ୍ର ମାଟି। ଶହୀଦ ହୋଇଥିଲେ ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ପରିବେୱା। ସ୍ୱାଧୀନତା ପରେ ପରିବର୍ତ୍ତିତ ସାମାଜିକ ଓ ରାଜନୈତିକ ସ୍ଥିତିରେ ଆଜି ବି ଏହି ରକ୍ତତୀର୍ଥ ଇରମ ଅବହେଳିତ ହୋଇ ରହିଛି। ସଂଗ୍ରାମୀଙ୍କ ସ୍ମୃତି ବହନ କରୁଥିବା ସ୍ଥଳରେ ପ୍ରାଚୀର ନିର୍ମାଣ ହୋଇପାରୁ ନାହିଁ। ରାଜ୍ୟ ପର୍ଯ୍ୟଟନ ବିଭାଗରୁ ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ପ୍ରାଚୀର ନିର୍ମାଣ କାର୍ଯ୍ୟ ଜମି ବିବାଦରୁ ଆଗେଇ ପାରୁନି। ଫଳରେ ଶହୀଦଙ୍କ ସ୍ମୃତିସ୍ଥଳ ପରିସର ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି। ହେଲେ ପ୍ରଶାସନ ଓ ରାଜନେତା ନିଦାବିଷ୍ଟୁ ସାଜିଛନ୍ତି। ବିଭିନ୍ନ ରାଜନୈତିକ ଦଳର ପ୍ରତିଶ୍ରୁତି ପ୍ରହସନ ପାଲଟିଛି। ଶହୀଦଙ୍କ ସମାଧିସ୍ଥଳକୁ ଏଭଳି ଉପେକ୍ଷା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି। ଏ ସମ୍ପର୍କରେ ରାଜ୍ୟ ପର୍ଯ୍ୟଟନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ପଣ୍ଡା କହିଛନ୍ତି, ଜମି ବିବାଦରୁ ପୀଠରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ଜିଲାପାଳଙ୍କୁ ଏ ବିଷୟରେ ଅବଗତ କରାଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ବିଶ୍ୱାଳ କହିଛନ୍ତି ଯେ, ଜଣେ ବ୍ୟକ୍ତି ସ୍ମୃତି ସ୍ଥାନକୁ ନିଜର ସମ୍ପତ୍ତି ବୋଲି ଦାବି କରି ଅଦାଲତରେ ଆଶ୍ରୟ ନେଇଛନ୍ତି। ଏ ବାବଦରେ ଆପୋଷ ବୁଝାମଣା ପରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଏଥିଲାଗି ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବାସୁଦେବପୁରର ବିଭିନ୍ନ ସାମାଜିକ ସଙ୍ଗଠନ ଓ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ହାଟରେ ବଟି ଆଦାୟ, ଉତ୍ତେଜନା

ଓଡ଼ାପଡ଼ା, ୨।୧(ଡି.ଏନ.ଏ.)


ବଟି ଆଦାୟକୁ ନେଇ ଉତ୍ତେଜନା ପରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକ।

■ବସିଲା ତ୍ରିପାକ୍ଷିକ ବୈଠକ
■ବାହାରିଲା ସମାଧାନ ରାସ୍ତା
■ହାଟପାଳି ଜଗିବ ପୋଲିସ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ହାଟରେ ବୁଧବାର ବଟି ଆଦାୟକୁ କେନ୍ଦ୍ର କରି ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତ୍ରିପାକ୍ଷିତ ବୈଠକ ପରେ ଏହାର ସମାଧାନ ହୋଇଛି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର କେତେଜଣ ଅସାମାଜିକ ବ୍ୟକ୍ତି ସାପ୍ତାହିକ ହାଟରୁ ଜବରଦସ୍ତ ବଟି ଆଦାୟ କରୁଛନ୍ତି। ପ୍ରତିବାଦ କରୁଥିବା ଗ୍ରାହକ ଏବଂ ବ୍ୟବସାୟୀମାନଙ୍କୁ ସେମାନେ ଗାଳିଗୁଲଜ କରୁଛନ୍ତି। ଏହାକୁ ନେଇ ଚାପା ଅସନ୍ତୋଷ ଲାଗି ରହିଥିବାବେଳେ ବୁଧବାର ବ୍ୟବସାୟୀମାନେ ଏକଜୁଟ୍ ହୋଇ ପସରା ଖୋଲି ନ ଥିଲେ। ଏହାକୁ ନେଇ ଦୀର୍ଘସମୟ ଯାଏ ହାଟରେ କିଣାବିକା ହୋଇପାରି ନ ଥିଲା। ପରେ ମୋଟଙ୍ଗା ଗ୍ରାମବାସୀ, ବ୍ୟବସାୟୀ ଏବଂ ପୋଲିସ ଉପସ୍ଥିତିରେ ବୈଠକ ବସିଥିଲା। ଏଣିକି ହାଟରୁ କେହି ବଟି ଆଦାୟ କରିବେନାହିଁ ବୋଲି ନିଷ୍ପତ୍ତି ହୋଇଛି। ହାଟର ସୁରକ୍ଷା ଲାଗି ନିୟନ୍ତ୍ରିତ ବଜାର କମିଟି, ପୋଲିସ ଏବଂ ଗ୍ରାମବାସୀଙ୍କୁ ନେଇ କମିଟି ଗଠନ କରାଯାଇଛି। ଶାନ୍ତିଶୃଙ୍ଖଳା ଲାଗି ପ୍ରତି ହାଟପାଳିରେ ୪ଜଣ ପୋଲିସ କର୍ମଚାରୀ ନିୟୋଜିତ ହେବେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦିଗରେ କମିଟି ସଦସ୍ୟ ଧ୍ୟାନ ଦେବ ବୋଲି ସ୍ଥିର କରାଯିବା ପରେ ବ୍ୟବସାୟୀମାନେ ପସରା ଖୋଲିଥିଲେ।

### ନନ୍ଦକିଶୋର ସଭାପତି, ଗିରୀଶ ସମ୍ପାଦକ

ଭୁବନ, ୨।୧(ଡି.ଏନ୍.ଏ.)
ଭୁବନ ବ୍ଲକ ବାଉଁଶକଣରେ ବୁଧବାର କଂସାରି ସମାଜର ନୂତନ କର୍ମକର୍ତ୍ତା ଚୟନ ଏବଂ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମକର୍ତ୍ତା ନନ୍ଦକିଶୋର ମେହେଣା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବାସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଉପଦେଷ୍ଟା ଅନୁକୂଳ ମହାରଣା ମଞ୍ଚାସୀନ ରହି କୌଳିକ ବୃତ୍ତି ବଞ୍ଚାଇ ରଖିବା, ଭାଇଚାରା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ସର୍ବସମ୍ମତିକ୍ରମେ ସଭାପତି ଭାବେ ନନ୍ଦକିଶୋର ମହାରଣା, ଉପସଭାପତି ପ୍ରମୋଦ ସାହୁ, ସମ୍ପାଦକ ଗିରୀଶ ମହାରଣା ଏବଂ କୋଷାଧ୍ୟକ୍ଷ ଭାବେ ପ୍ରଫୁଲ୍ଲ କୁମାର ସାହୁ ମନୋନୀତ ହୋଇଛନ୍ତି। ସେଭଳିପରି ୮ଜଣ ବରିଷ୍ଠ କର୍ମକର୍ତ୍ତାଙ୍କୁ ଉପଦେଷ୍ଟା ମଣ୍ଡଳୀରେ ସାମିଲ କରାଯାଇଛି। ନୂତନ କର୍ମକର୍ତ୍ତାମାନେ ସମାଜର କୋଠଘରେ ଶପଥପାଠ କରିଥିଲେ।

### ପାଣି ପାଇଁ ସଂଗ୍ରାମ


ଢେଙ୍କାନାଳ ଜିଲା ନିମବାହାଳି ବଜାରସ୍ଥିତ ଏକ ନଳକୂଅରୁ ଜଣେ ଦିବ୍ୟାଙ୍ଗ ଭିନ୍ନ ଉପାୟରେ ପାଣି ସଂଗ୍ରହ କରୁଛନ୍ତି।

# ୭ ବଖରା ଜଳିଗଲା: ଜଣେ ଆହତ

ଧାମନଗର, ୨।୧ (ଡି.ଏନ.ଏ.)
ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ଲେଞ୍ଚାରା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଚମ୍ପାବତୀ କବିଙ୍କ ୩ ଏବଂ ରାଜେନ୍ଦ୍ର କବିଙ୍କ ୪ ବଖରା ଜଳିଯାଇଛି। ନିଆଁ ଲିଭାଇବାକୁ ଯାଇ ନରସିଂହ କବି ଆହତ ହୋଇଛନ୍ତି। ଧାମନଗର ଅଗ୍ନିଶମ ବିଭାଗର ଶୁଭ୍ରାଂଶୁ ଦାସ ସଦଳବଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁହାଳରୁ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

# ୨୨ ଗୋରୁ ଉଦ୍ଧାର, ୫ ଗିରଫ

ରେମୁଣା,୨।୧(ଡି.ଏନ.ଏ.)
ବେଆଇନ ଗୋରୁ ଚାଲାଣବେଳେ ଭଦ୍ରକ ଜିଲା ରେମୁଣା ଶିଳ୍ପାଞ୍ଚଳ ପୋଲିସ ଏକ ପିକ୍‌ଅପ୍ ଭ୍ୟାନ୍, ଇଣ୍ଡିଗୋ କାର ଜବତ କରିଛି। ଗାଡ଼ିରୁ ୨୨ ଗୋରୁ ଉଦ୍ଧାର କରାଯାଇ ଗୋଶାଳାରେ ଛଡ଼ାଯାଇଛି। ଏ ନେଇ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି।

ଜାତୀୟ ରାଜପଥର ନୂଆଗାଁ ନିକଟରେ ମଙ୍ଗଳବାର ରାତିରେ ଏକ ଇଣ୍ଡିଗୋ କାରକୁ ଅଟକାଇ କେତେଜଣ ଯୁବକ ପାଟିତୁଣ୍ଡ କରୁଥିଲେ। ସୂଚନା ପାଇ ପାଟ୍ରୋଲିଂରେ ନିୟୋଜିତ ପୋଲିସ ସେଠାରେ ପହଞ୍ଚିଥିଲା।

ଗୋରୁ ବୋଝେଇ ଗାଡ଼ି ଅଟକାଇ ଚାନ୍ଦା ଆଦାୟ ଏବଂ ଗୋରୁ ଚାଲାଣ ଅଭିଯୋଗରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହଳଦୀପଦା ଅଞ୍ଚଳର ପ୍ରଦୀପ କୁମାର ପାତ୍ର, କମଳାକାନ୍ତ ନାୟକ, ଦିଲୀପ ଜେନା, ପିକ୍ ଅପ୍ ଚାଳକ ଭଦ୍ରକ ଜିଲା ପୁରୁଣାବଜାର ହଳଦୀଡିହା ବାଇପାସର ସେକ୍ ମୁସଲିମ୍ (୪୦) ଏବଂ ହେଲପର ଭଦ୍ରକ ଗ୍ରାମାଞ୍ଚଳ ଥାନା ଗୁଡିଦରଡା ନିଶାରବାଗର ବାବୁ ଓରଫ ନିଜାମୁଦ୍ଦିନ ଖାଁ (୩୬)। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୨/୧୯) ରୁଜୁ ହୋଇଛି।

■କଂଗ୍ରେସ ଟାର୍ଗେଟରେ ଶାସକ ଦଳ

# ରାଜ୍ୟରେ ଚାଲିଛି ଅଫିସରରାଜ୍: ଆର୍ଯ୍ୟକୁମାର

ଢେଙ୍କାନାଳ ଅଫିସ, ୨।୧


ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତାବୃନ୍ଦ।

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲରେ ଟାଉନ କଂଗ୍ରେସ ପକ୍ଷରୁ ବୁଧବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଟାଉନ କଂଗ୍ରେସ ସଭାପତି ରଞ୍ଜନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟବେକ୍ଷକ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶାସକ ବିଜେଡିକୁ ଟାର୍ଗେଟ କରିଥିଲେ। ନିଜ ଅଭିଭାଷଣରେ ସେ କହିଲେ, ଦୀର୍ଘ ୧୮ବର୍ଷର ଶାସନ କାଳରେ ନବୀନ ସରକାର ପଙ୍ଗୁ, ଅଥର୍ବ ପାଲଟି ଯାଇଛି। ରାଜ୍ୟରେ ଚାଷୀ ଆତ୍ମହତ୍ୟା, ବଳାତ୍କାର, ବେକାରି ସମସ୍ୟା ବଢ଼ିଚାଲିଛି। ସବୁଠି ଅଫିସର ରାଜ୍ ଚାଲିଛି। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାରରେ ଭାଷଣ ଛଡ଼ା କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇନାହିଁ। ଜିଏସ୍‌ଟି, ବିମୁଦ୍ରୀକରଣ, ଦରଦାମ ବୃଦ୍ଧି ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ କରିଦେଇଛି। ବ୍ୟକ୍ତିଗତ ଆକ୍ରୋଶ ଶୁଝାଇବାକୁ ସିବିଆଇକୁ ବ୍ୟବହାର କରାଯାଉଛି, ଯାହା ନିନ୍ଦନୀୟ ବୋଲି ସେ ମତବ୍ୟକ୍ତ କରିଛନ୍ତି। ନିକଟରେ ୫ ରାଜ୍ୟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନର ଫଳାଫଳ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି। ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ପଡ଼ିବ ବୋଲି ଜିଲା ପର୍ଯ୍ୟବେକ୍ଷକ କହିଛନ୍ତି।

ସମ୍ମିଳନୀରେ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପଟ୍ଟନାୟକ, ପ୍ରବାଳକାନ୍ତି ସାହୁ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ସୁବାସିନୀ ମହାକୁଡ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମମତାଞ୍ଜଳି ବେହେରା, ପୂର୍ବତନ ନଗରପାଳ ଶ୍ରୀଧର ସାହୁ, ସୁନୀଲ କୁମାର ଦାଶ, ପ୍ରେମଶଙ୍କର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଦିବଂଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ଜିଲା ଉପସଭାପତି ପ୍ରକାଶ ଚନ୍ଦ୍ର କୁଅଁର, କୋଷାଧ୍ୟକ୍ଷ ରୁଦ୍ରପ୍ରସନ୍ନ ଶରଣ, ଉପସଭାପତି ଗୋପାଳ ଚନ୍ଦ୍ର ସାହୁ, ରଶ୍ମିଲତା କୁଅଁର, ବ୍ରହ୍ମାନନ୍ଦ ମଲ୍ଲିକ, ଦୀପ୍ତିରଞ୍ଜନ ସେଠୀ, ଧନେଶ୍ୱର ଶୁକ୍ଳା ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏଟିଏମ୍ ଅଚଳ, ଗ୍ରାହକ ହନ୍ତସନ୍ତ



ବଇଣ୍ଡା, ୨।୧(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ଷ୍ଟେଟ ବ୍ୟାଙ୍କର ଦୁଇଟି ଏଟିଏମ୍ ଅଚଳ ହୋଇ ପଡିରହିଛି। ଫଳରେ ଲୋକେ ଟଙ୍କା ଉଠାଣରେ ହଇରାଣ ହେଉଛନ୍ତି। ବଇଣ୍ଡା ଷ୍ଟେଟ ବ୍ୟାଙ୍କ ଓ ରେଳ ଷ୍ଟେଶନ ନିକଟରେ ଦୁଇଟି ଏଟିଏମ୍ ରହିଛି। ଏହା ଉପରେ ନୁନୁକାପଶି, ଗାଁବଇଣ୍ଡା, ଲୁହାମୁଣ୍ଡା, କଣ୍ଟେଇକୁଳିଆ, ହଣ୍ଡପା, ଜାମ୍ବୁନାଳୀ, ବିଲେଇନାଳୀ, କଟରଙ୍ଗା, ନାକିଚି, ଉରୁକୁଳା, ଠେଲକନାଳୀ, ପେଡିପଥର, ସାନହୁଲା, କୁରୁମଟାବ, କତଡା ଆଦି ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରନ୍ତି। ଏଟିଏମ୍ ସ୍କ୍ରିନ କାମ କରୁ ନ ଥିବାରୁ ଟଙ୍କା ଉଠାଣ ପାଇଁ ୩୦ ମିନିଟ୍‌ରୁ ଅଧିକ ସମୟ ଲାଗିଯାଉଛି। ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ ସତ୍ତ୍ୱେ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଶିକ୍ଷକଙ୍କ ପରଲୋକ

କଣିହାଁ, ୨।୧(ଡି.ଏନ.ଏ.)- କଣିହାଁ ବ୍ଲକ ବଡହୀରା ଗ୍ରାମ ନୂତନ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗୌତମ ବେହେରା(୩୭)ଙ୍କ ବୁଧବାର ପରଲୋକ ଘଟିଛି। ସେ ସ୍କୁଲକୁ ଯାଇ ସେଠାରେ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମହାନ୍ତିଙ୍କ ସୂଚନାରୁ ଜଣାପଡିଛି। ଡେରେଙ୍ଗ ଗ୍ରାମର ଗୌତମ ୨୦୧୧ରେ ଉକ୍ତ ସ୍କୁଲରେ ଚାକିରି ଜୀବନ ଆରମ୍ଭ କରିଥିଲେ। ମୃତଦେହ ବିଦ୍ୟାଳୟକୁ ଅଣାଯିବା ପରେ ଶିକ୍ଷା ବିଭାଗ ଓ ସ୍କୁଲ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ବହୁ ନେତୃବୃନ୍ଦ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ଅକାଳ ବିୟୋଗକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

କଣିହାଁ, ୨।୧(ଡି.ଏନ.ଏ.)- କଣିହାଁ ବ୍ଲକ ପାଲଲହଡ଼ା ବିଧାନସଭା ମଣ୍ଡଳୀର ବିଭିନ୍ନ ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ଓ ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣିହାଁ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ମହେଶ ସାହୁ କାକୁଡିଆଠାରେ ୨୭ ଲକ୍ଷ ଟଙ୍କାରେ ନିର୍ମିତ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସେହିପରି ଖଜୁରିଆ, ସାନକାକୁଡିଆ, ଚାଙ୍ଗୁଡିଆ, ଡଙ୍ଗରବେଡା, ବାରୁଆଁ, କଟରପଡା ଗ୍ରାମରେ ଜଳ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏଥିରେ ବ୍ଲକ ଅଧକ୍ଷ ନମିତା ସାହୁ ଯୋଗ ଦେଇଥିଲେ। ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବିଜେଡି ମିଡିଆ ସେଲ ତରଫରୁ ସୁବାସ ମହାନ୍ତି ଓ ନିର୍ମଳ ସାହୁ ସୂଚନା ଦେଇଛନ୍ତି।

### ୮ରେ ମହିଷମର୍ଦ୍ଦିନୀଙ୍କ ଯାତ୍ରା

ଛେଣ୍ଡିପଦା,୨।୧(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ଗ୍ରାମର ମା' ମହିଷାମର୍ଦ୍ଦିନୀଙ୍କ ଯାତ୍ରା ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଗ୍ରାମକୋଠ ଘରଠାରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଗ୍ରାମ ସଭାପତି ରସାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂଜା କମିଟିର ସଦସ୍ୟ ତଥା ଗ୍ରାମବାସୀ ଯୋଗ ଦେଇ ପୂଜାର ସୁପରିଚାଳନା ପାଇଁ କମିଟି ଗଠନ କରାଯାଇଥିଲା। ଏଥିସହ ଯାତ୍ରା ପଡିଆରେ ବିଭିନ୍ନ ସୁବିଧା ଉପଲବ୍ଧ ନିମନ୍ତେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଗ୍ରାମ ସମ୍ପାଦକ କ୍ଷିତୀଶ ଚନ୍ଦ୍ର ସାହୁ, ପୂର୍ବତନ ସଭାପତି ଅଭିରାମ ଗଡତିଆ, ପୂର୍ବତନ ସମ୍ପାଦକ ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପାର ଜନସମ୍ପର୍କ ପଦଯାତ୍ରା

ବଇଣ୍ଡା, ୨।୧(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଜାମ୍ବୁଡୋଲି ପଞ୍ଚାୟତରେ ବୁଧବାର ଭାଜପା ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା' ବିନିକେଇ ପୀଠରୁ ଏହାର ଶୁଭାରମ୍ଭ ହୋଇଥିଲା। ମଣ୍ଡଳ ସଭାପତି ପ୍ରଦ୍ୟୁମ୍ନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିସହ ଏହି ଅଞ୍ଚଳରେ ବିଭିନ୍ନ ରୋଗ ବ୍ୟାପୁଥିବାବେଳେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବା ସେ ଅଭିଯୋଗ କରିଥିଲେ। ପଞ୍ଚାନନ ପ୍ରଧାନ, ରବୀନ୍ଦ୍ର ସେଠୀ, ରବୀନ୍ଦ୍ର ସାହୁ, ବଂଶୀଧର ସେଠୀ ଅଜିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

■ଦାବି ପୂରଣ ପାଇଁ ପ୍ରଶାସନ ଦେଲା ଲିଖିତ ପ୍ରତିଶ୍ରୁତି

# ସୁରକ୍ଷା ସମିତିର ବନ୍ଦ ଡାକରା ସ୍ଥଗିତ

**ତାଳଚେର,୨।୧(ନି.ପ୍ର.)**

୨ ଦଫା ଦାବି ପୂରଣ ପାଇଁ ତାଳଚେର ପରିବେଶ ସୁରକ୍ଷା ସମିତି ତରଫରୁ ଆଗାମୀ ୪ ତାରିଖରେ ଦିଆଯାଇଥିବା ତାଳଚେର ବନ୍ଦ ଡାକରାକୁ ସ୍ଥଗିତ ରଖାଯାଇଛି। ଦାବି ପୂରଣ ନିମନ୍ତେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବାରୁ ସମିତି ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।

ପ୍ରଶାସନ ପକ୍ଷରୁ ଡକାଯାଇଥିବା ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ, ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ, ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ତାଳଚେର ପରିବେଶ ସୁରକ୍ଷା ସମିତି ସଦସ୍ୟମାନେ ଯୋଗ ଦେଇଥିଲେ। ଉପଜିଲାପାଳ ଦାବି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ତାଳଚେର ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ଶତକଡା ୯୦ ଭାଗ ଶେଷ ହୋଇଛି। ଉପକରଣ ଓ ଆସବାବପତ୍ର କିଣିବା ନିମନ୍ତେ ନିର୍ଦ୍ଦେଶ ଦିଆସରିଛି। ମେଡିକାଲ କଲେଜ ଆରମ୍ଭ ପାଇଁ ଏକ ଉଚ୍ଚସ୍ତରୀୟ ନିଷ୍ପତ୍ତି ନିଆଯିବ ବୋଲି ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ ହସ୍‌ପିଟାଲର ସିଏମ୍‌ଏସ୍ ସୂଚନା ଦେଇଥିଲେ। ସେହିପରି ପ୍ରଦୂଷଣ ହ୍ରାସ ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ପୋଲିସ ସହାୟତାରେ କୋଇଲା ପରିବହନ ଭାରିଯାନ ଗୁଡିକର ବେଗ ଘଣ୍ଟା ପ୍ରତି ୨୦ କିମି କରିବା ନେଇ ତଦାରଖ କରିବେ। ଏପ୍ରିଲ୍ ୨୦୧୯ ମଧ୍ୟରେ କୋଇଲା ପରିବହନ ଯାନ ଗୁଡିକର ଚକା ଧୋଇବା ବ୍ୟବସ୍ଥା ଓ ଫେବୃୟାରୀରେ ୨ଟି ନୂତନ ସ୍ୱାଇପ୍ ମେଶିନ୍ କାର୍ଯ୍ୟକାରୀ କରାଯିବା ସହିତ ରାସ୍ତା ପାର୍ଶ୍ୱକୁ ସିମେଣ୍ଟ କଂକ୍ରିଟ୍ କରାଯିବ ଏବଂ ବ୍ୟାପକ ବୃକ୍ଷରୋପଣ ହେବ ବୋଲି ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ଏନ୍‌ଟିପିସି, ଜେଆଇଟିପିଏଲ, ଟିଟିପିଏସ୍‌ର ପାଉଁଶ ପାଣି ଦ୍ୱାରା ନଦୀ ଜଳ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଉପଜିଲାପାଳଙ୍କ ଲିଖିତ ପ୍ରତିଶ୍ରୁତି ପରେ ସୁରକ୍ଷା ସମିତି ଆଗାମୀ ବନ୍ଦ ଡାକରାକୁ ସ୍ଥଗିତ ରଖିଥିବା ଘୋଷଣା କରିଥିଲା। ପ୍ରତିଶ୍ରୁତି ମୁତାବକ କାର୍ଯ୍ୟ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ପଦ୍ମଚରଣ ସାମଲ, ବାଉରୀବନ୍ଧୁ ବେଜ, ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ସନାତନ ଧୀର, ନୃସିଂହ ଚରଣ ଗୋଛାୟତ, ରାଜକିଶୋର ସାହୁ, ଦେବରାଜ ମହାରଣା ପ୍ରମୁଖ ସୂଚନା ଦେଇଛନ୍ତି।



ଆନ୍ଦୋଳନ ସ୍ଥଗିତ ରଖାଯିବା ସମ୍ପର୍କରେ ସୁରକ୍ଷା ସମିତି ପକ୍ଷରୁ ସୂଚନା ଦିଆଯାଉଛି।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

**ଆଠମଲ୍ଲିକ, ୨।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସଭାଘରେ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ ଦିବସ ପାଳନ ଦିନ ରାମଧୁନ ପ୍ରସାରଣଠାରୁ ଆରମ୍ଭ କରି ପତାକା ଉତ୍ତୋଳନ, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଆଦି ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ଜାନୁୟାରୀ ୧୦ ଏବଂ ୧୧ରେ ମହେନ୍ଦ୍ର ହାଇସ୍କୁଲ ପରିସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜାନୁୟାରୀ ୨୨, ୨୩, ୨୪ରେ ପରେଡ ପଡିଆରେ ପରେଡ ଅଭ୍ୟାସ କରାଯିବ। ଉପଜିଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ପରେ ସବଜେଲ୍, ଚିକିତ୍ସାଳୟ ଓ ବାଳାଶ୍ରମରେ ମିଷ୍ଟାନ୍ନ ବଣ୍ଟନ କରାଯିବ। ଅପରାହ୍ନରେ କ୍ରୀଡା ସଂଘ ଆନୁକୂଲ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ମ୍ୟାଚ ଆୟୋଜନ କରାଯିବ। ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ସ୍ୱର୍ଗତ ମାନଭଞ୍ଜନ ହୋତା ସ୍ମାରକୀ ପୁରସ୍କାର ପ୍ରଦାନ କରାଯିବ। ରକ୍ତଦାନ, କ୍ରୀଡ଼ା ଆଦି ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ତହସିଲଦାର ବାସୁଦେବ ମହାପାତ୍ର, କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ସୁନୀଲ କୁମାର ପଣ୍ଡା, କିଶୋରନଗର ତହସିଲଦାର ଲୋପାମୁଦ୍ରା ରଥ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆଲବିନସ୍ କେରକେଟାଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିନିଧି, ବିଭାଗୀୟ ଅଧିକାରୀ, ଜାମିନି ରଞ୍ଜନ ସିଂହ ସାମନ୍ତ ଯୋଗ ଦେଇଥିଲେ। ଆଠମଲ୍ଲିକ ବିଡିଓ ରାହାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

■ସଂଗ୍ରାମ ମେମୋରିଆଲ କ୍ରିକେଟ

# ଶିରିଗିଡା ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳ।

**ପବିତ୍ରନଗର, ୨।୧(ଡି.ଏନ.ଏ.)**

କଣିହାଁ ବ୍ଲକ ବାରୁଆଁ ଗ୍ରାମରେ ବୁଧବାର ସଂଗ୍ରାମ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳମଛୁଇଁକୁ ହରାଇ ଶିରିଗିଡା ଟିମ୍ ଚାମ୍ପିୟନ ହୋଇଛି। ପ୍ରଥମେ କଳମଛୁଇଁ ବ୍ୟାଟିଂ କରି ୧୫୪ ରନ୍ କରିଥିବାବେଳେ ଜବାବରେ ଶିରିଗିଡା ଆବଶ୍ୟକ ରନ୍ କରି ନେଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭାଜପା ନେତା ଅଶୋକ ମହାନ୍ତି, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ନମିତା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ଜିଲା ପରିଷଦ ସଦସ୍ୟା ବସନ୍ତ ମଞ୍ଜରୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁଧାକର ସାହୁ ଯୋଗ ଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଶିଶିର କୁମାର ସାମଲ ଅତିଥି ପରିଚୟ ଓ ପ୍ରିୟରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅବନୀ ସାହୁ, ପ୍ରହ୍ଲାଦ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଆୟୋଜକ ସଙ୍କଟମୋଚନ କ୍ରିକେଟ କ୍ଲବର ସଦସ୍ୟ ବିଜୟ କୁମାର ସାମଲ, ହୃଷୀକେଶ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଲିଟୁ ୱାରିୟର୍ସ ଚାମ୍ପିୟନ

**ଛେଣ୍ଡିପଦା, ୨।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତର ବାରମଞ୍ଚା ଖେଳ ପଡିଆରେ ଚାଲିଥିବା ସତ୍ୟଶାନ୍ତି କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅର୍ଜୁନ ରକେଟକୁ ହରାଇ ଲିଟୁ ୱାରିୟର୍ସ ଚାମ୍ପିୟନ ହୋଇଛି। ପ୍ରଥମେ ଅର୍ଜୁନ ରକେଟ ବ୍ୟାଟିଂ କରି ୧୧୫ ରନ୍ କରିଥିବାବେଳେ ଜବାବରେ ଲିଟୁ ୱାରିୟର୍ସ ୧୧୬ ରନ୍ କରି ନେଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଭାଜପା ଯୁବନେତା ଅଗସ୍ତି ବେହେରା, ସମ୍ମାନିତ ଅତିଥି ଅଭିନେତା ବନିଜା ପଣ୍ଡା ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଅର୍ଜୁନ ରକେଟ ଦଳର କାଳିଆଙ୍କୁ ସମ୍ମାନିତ ଅତିଥି ପୁରସ୍କୃତ କରିଥିଲେ। ଅମ୍ପାୟାର ଭାବେ ତୁଷାରକାନ୍ତେ ମହାପାତ୍ର ଓ ସୁଜିତ ସାହୁ ଖେଳ ପରିଚାଳନା କରିଥିଲେ। ନଗେନ ନାଥ, ମାନସ ସାହୁ ଓ ପ୍ରତାପ ରୁଦ୍ର ବେହେରା ଧାରା ବିବରଣୀ ଦେଇଥିଲେ।

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଅନୁଗୋଳ ଅଫିସ, ୨।୧**

ଅନୁଗୋଳ କୁଇଓ ନିକଟରେ ତ୍ରିଶକ୍ତି ବିଦ୍ୟାଳୟଠାରେ ଦୁର୍ଘଟଣାରେ ବ୍ରହ୍ମା ମାଝି(୮)ଙ୍କ ମୃତ୍ୟୁ ଘଟଣାରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି କୁଇଓ-ଜାମୁନାଳି ନିକଟସ୍ଥ ସ୍କୁଲ ପାଖରେ ବୁଧବାର ସନ୍ଧ୍ୟାରେ ରାସ୍ତାରୋକୋ ହୋଇଥିଲା। ରାତି ପ୍ରାୟ ୯ଟାରେ ରାସ୍ତାରୋକୋ ହଟିଥିଲା। ଘଟଣାସ୍ଥଳରେ ପୋଲିସ ମୁତୟନ ଥିବା ଜଣାପଡ଼ିଛି।

■ଅନୁଗୋଳ ମହୋତ୍ସବ ପ୍ରସ୍ତୁତି

# ୬ରୁ ବାହାରିବ ମଶାଲ ଯାତ୍ରା



ପ୍ରସ୍ତୁତି ବୈଠକରେ ଉପଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ।

**ଆଠମଲ୍ଲିକ, ୨।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସଭାଘରେ ଅନୁଗୋଳ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା ଆୟୋଜନ ନିମନ୍ତେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସୁବାସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଆସନ୍ତା ଜାନୁୟାରୀ ୬ରେ ଶୈବପୀଠ ଦେଉଳଝରୀରୁ ମଶାଲ ଶୋଭାଯାତ୍ରା ତାଳଚେର ମା' ହିଙ୍ଗୁଳାଙ୍କ ପୀଠକୁ ବାହାରିବ ବୋଲି ସ୍ଥିରୀକୃତ ହୋଇଛି। ପୂର୍ବାହ୍ନ ୬ଟାରେ ଦେଉଳଝରୀରେ ପୂଜାର୍ଚ୍ଚନା ପରେ ଏହାକୁ ଶୋଭାଯାତ୍ରାରେ ନିଆଯିବ। ଏହି ଶୋଭାଯାତ୍ରାରେ କୃଷି, ଜଳ ପରିମଳ, ସର୍ବଶିକ୍ଷା ବିଭାଗ, ଜଳ ବିଭାଜିକା ମିଶନ, ଜଙ୍ଗଲ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗର ପ୍ରଜ୍ଞାପନ ମେଢଗୁଡିକ ଭାଗ ନେବେ। ଏ ବର୍ଷର ବାର୍ତ୍ତା 'ଆମ ପରିବେଶ ଆମ ସୁରକ୍ଷା' ରହିଥିବା ବେଳେ ଏହି ଉପଲକ୍ଷେ ବସ୍‌ଷ୍ଟାଣ୍ଡ ନିକଟରେ ଏହି ବାର୍ତ୍ତା ବହନ କରୁଥିବା ଏକ ତୋରଣ ତିଆରି କରିବାକୁ ସ୍ଥାନୀୟ ବନଖଣ୍ଡ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ମଶାଲ ଜ୍ୟୋତି ଆଠମଲ୍ଲିକ ବସ୍‌ଷ୍ଟାଣ୍ଡ ଛକ, ବଙ୍ଗଳାସାହି, ଖଦାଳ ସାହି ଛକ, ଜଗନ୍ନାଥ ମନ୍ଦିର ସାମ୍ନା, ମେଡିକାଲ ଛକ ଦେଇ ମାହେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯିବ। ପରେ ଏହା ଠାକୁରଗଡ ଦେଇ ଅଙ୍ଗପଡା, କିଶୋରନଗର, ବାମୁର, ବଇଣ୍ଡା, ଛେଣ୍ଡିପଦା ଦେଇ ମା' ହିଙ୍ଗୁଳାଙ୍କ ପୀଠରେ ପହଞ୍ଚିବ। ସ୍ୱୟଂ ସହାୟକ ଗୋଷ୍ଠୀ, ଜନପ୍ରତିନିଧି, ଜନସାଧାରଣ କାର୍ଯ୍ୟକ୍ରମରେ ସହଯୋଗ କରିବେ। ଆଠମଲ୍ଲିକ କଲେଜର ଏନ୍‌ସିସି ଏବଂ ଏନ୍‌ଏସ୍‌ଏସ୍ ଛାତ୍ରମାନେ ଶୋଭାଯାତ୍ରାରେ ଭାଗ ନେବେ। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆଲବିନସ୍ କେରକେଟା, ବିଡିଓ ରାହାସ ଚନ୍ଦ୍ର ନାୟକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ସୁନୀଲ କୁମାର ପଣ୍ଡା, କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା, ଆଠମଲ୍ଲିକ ତହସିଲଦାର ବାସୁଦେବ ମହାପାତ୍ର, କିଶୋରନଗର ତହସିଲଦାର ସୁଶ୍ରୀ ଲୋପାମୁଦ୍ରା ରଥଙ୍କ ସମେତ ବହୁ ବୁଦ୍ଧିଜୀବୀ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାସ୍ତା ଉପରେ ଦୋକାନ କଲେ କାର୍ଯ୍ୟାନୁଷ୍ଠାନ



ପୋଲିସ ରାସ୍ତା ଜବରଦଖଲ କରିଥିବା ଦୋକାନୀଙ୍କୁ ତାଗିଦ୍ କରୁଛି।

**ଅନୁଗୋଳ ଅଫିସ, ୨।୧**

ଏଣିକି ରାସ୍ତା ଜବରଦଖଲ କରି ଦୋକାନ ଖୋଲିଲେ କାର୍ଯ୍ୟାନୁଷ୍ଠାନ ନେବ ପ୍ରଶାସନ। ଅନୁଗୋଳ ବଜାରରେ ବୁଧବାର ପୋଲିସ ପହଞ୍ଚି ରାସ୍ତା ଉପରେ ଦୋକାନ ନ କରିବାକୁ କରିବାକୁ ତାଗିଦ୍ କରିବା ସହ ଏହାକୁ ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାଇ ଦେଇଛି। ରାସ୍ତାରେ ଦୋକାନ ଯୋଗୁ ଟ୍ରାଫିକ୍ ସମସ୍ୟା ଗୁରୁତର ହେଉଥିବା ପୋଲିସ କହିଥିଲା। ଏହି ସମୟରେ କେତେଜଣ ବ୍ୟବସାୟୀ ଏହାକୁ ବିରୋଧ କରିବାରୁ ସେମାନଙ୍କ ନାମରେ ପୋଲିସ ମାମଲା ରୁଜୁ କରିଥିବା ଜଣାପଡିଛି। ଆଗକୁ ଏଭଳି ରାସ୍ତା ଅବରୋଧ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି।

## ଧାନ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ସଜନାଗଡ଼,୨।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ୧୯ ନଂ ରାଜ୍ୟ ରାଜପଥ ପୋଡ଼ାଶୁଳ ଛକ ଠାରେ ବରହମପୁର ଲ୍ୟାମ୍ପରୁ ଧାନ ବୋଝେଇ କରି ଦୁଇଟି ଟ୍ରକ୍ ଆସୁଥିବା ବେଳେ ମଙ୍ଗଳବାର ରାତି ପ୍ରାୟ ୧ଟା ସମୟରେ ପୋଡ଼ାଶୂଳ ଛକ ଠାରେ ଦୁର୍ଘଟଣା ଘଟିଛି। ମାଟିଆଳି ଲ୍ୟାମ୍ପ ଅଧୀନ ବରହମପୁର ଶାଖାରୁ ଚାଷୀମାନଙ୍କର ଧାନ ନେଇ ଆସୁଥିବା ବେଳେ ପୋଡ଼ାଶୁଳ ଛକଠାରେ ପଛରେ ଥିବା ଧାନ ବୋଝେଇ ଟ୍ରକ୍‌ଟି ନିଜର ଭାରସାମ୍ୟ ହରାଇ ଆଗ ଟ୍ରକଟିକୁ ଧକ୍କା ଦେଇଥିଲା। ଫଳରେ ଧକ୍କା ଦେଇଥିବା ଟ୍ରକ୍‌ର ସମ୍ମୁଖ ଭାଗଟି ନଷ୍ଟ ହୋଇଥିବା ଜଣାପଡ଼ିଛି। ଖବରପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଡମ୍ପର ଧକ୍କାରେ ମହିଳାଙ୍କ ମୃତ୍ୟୁ



ମୃତଦେହ ରଖି ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ବାହାନଗା,୨।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକର ଜାଗେଶ୍ୱପଦା -ଗିଳିଦା ରାସ୍ତାର କରଞ୍ଜାବିନ୍ଧା ଗ୍ରାମ ନିକଟସ୍ଥ ରାସ୍ତାରେ ବୁଧବାର ଏକ ବାଲିବୋଝେଇ ଡମ୍ପର ସ୍କୁଟିକୁ ଧକ୍କା ଦେବାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଆରୁହାବାଡ ଗ୍ରାମରୁ ଜ୍ୟୋସ୍ନା ବେହେରା(୩୫)। ସେ ତାଙ୍କ ବଡ ଝିଅ ଶୁଭଲକ୍ଷ୍ମୀଙ୍କୁ ସାଥିରେ ଧରି ନିଜ ସ୍କୁଟିରେ ଗୋପାଳପୁର ବଜାରକୁ ଆସୁଥିଲେ। ଜାଗେଶ୍ୱରପଦା-ଗିଳିଦା ରାସ୍ତାର କରଞ୍ଜାବିନ୍ଧାଠାରେ ଏକ ବାଲିବୋଝେଇ ଡମ୍ପର ସ୍କୁଟି ସହିତ ସାଇଡରେ ମାଡ ହୋଇ ଜ୍ୟୋସ୍ନାଙ୍କ ଉପରେ ଡମ୍ପର ଚଢିଯାଇଥିଲା। ଘଟଣାସ୍ଥଳରେ ମା'ଙ୍କର ମୃତ୍ୟୁ ଘଟିଥିବାବେଳେ ଝିଅ ସାମାନ୍ୟ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ଓ ପରିବାର ଲୋକେ କ୍ଷତିପୂରଣ ଦାବିକରି ମୃତଦେହ ଛାଡି ନ ଥିଲେ। ରାସ୍ତାରେ ମୃତଦେହ ରଖି ୪ ଘଣ୍ଟା କାଳ ଅବରୋଧ କରିଥିଲେ। ଶେଷରେ ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ବାହାନଗା ବ୍ଲକର ପାଇକାସ୍ତା ତହସିଲ ତରଫରୁ ରେଡ୍‌କ୍ରସ ମାଧ୍ୟମରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମୃତକଙ୍କ ପରିବାରକୁ ଆଇନ୍ ଅନୁଯାୟୀ ସହାୟତା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଗତ ଦୁଇବର୍ଷ ତଳେ ମହିଳାଙ୍କ ସ୍ୱାମୀ ଡମ୍ବୁର ବେହେରାଙ୍କର ବାହାର ରାଜ୍ୟରେ ମୃତ୍ୟୁ ଘଟିଥିଲା। ଦୁଇ ଝିଅ ମଧ୍ୟରୁ ବଡଝିଅ ଶୁଭଶ୍ମୀତା ଯୁକ୍ତଦୁଇ ବିଜ୍ଞାନ ପଢୁଥିବା ବେଳେ ସାନ ଝିଅ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ରୂପ୍‌ସା,୨।୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ନୟାପଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ବସ୍ତା ଥାନାରେ ପୋଲିସ ଏକ ମାମଲା (ନଂ ୧/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ଡିସେମ୍ବର ୨୭ ତାରିଖରେ ନାବାଳିକା ଜଣଙ୍କ ଟ୍ୟୁଶନ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ୩ ଜାନୁୟାରୀ /୨୦୧୯ Dhenkanal, Thursday January 3 / 2019

## ସଂକ୍ଷେପରେ

ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଶ୍ରମିକ ଗୁରୁତର ଘଟଣା

### ସେସୁ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ମାମଲା

ବଇଣ୍ଡା, ୨।୧(ଡି.ଏନ.ଏ.)- ଅନୁଗୋଳ ଜିଲା କିଶୋରନଗର ଥାନା ବାମୁର ନିକଟସ୍ଥ ପିପଳମୁଣ୍ଡାଠାରେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରୁ ଖସିପଡି ହଣ୍ଡପା ଥାନା କଣ୍ଟେଇକୁଳିଆ ଗ୍ରାମର ପିଚୁଣ୍ଡୁ ଦେହୁରୀ(୨୩) ଡିସେମ୍ବର ୨୧ରେ ଗୁରୁତର ହୋଇଥିଲେ। ଘଟଣାରେ ପିଚୁଣ୍ଡୁଙ୍କ ବାପା ସୁଦାମ ଦେହୁରୀଙ୍କ ଅଭିଯୋଗ କ୍ରମେ ବାମୁର ସେସୁ କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ବେହେରାଙ୍କ ନାମରେ ପୋଲିସ ନଂ. ୧୫୪/୧୮ ଦଫା ୩୩୮, ୨୮୭ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ପିଚୁଣ୍ଡୁ ବାମୁର ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିବାବେଳେ ସେସୁ କନିଷ୍ଠ ଯନ୍ତ୍ରୀ ତାଙ୍କୁ କାମ କରିବାକୁ ଡାକି ନେଇଥିଲେ। ପିପଳମୁଣ୍ଡାଠାରେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଚଢି ମରାମତି କାମ କରୁଥିବାବେଳେ ପିଚୁଣ୍ଡୁ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ କିଶୋରନଗର ଓ ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏ ସମ୍ପର୍କରେ ଯନ୍ତ୍ରୀ ଲିଙ୍ଗରାଜ ବେହେରାଙ୍କୁ ପଚାରିବାରେ ସେ ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

### ୫ରୁ ପୁଷ୍ପ ପ୍ରଦର୍ଶନୀ

ଅନୁଗୋଳ ଅଫିସ, ୨।୧- ଅନୁଗୋଳରେ ଆସନ୍ତା ୫ରୁ ୭ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ମିଶ୍ରପଡ଼ାସ୍ଥିତ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରଦର୍ଶନୀରେ ବିଭିନ୍ନ ପ୍ରଜାତିର ଫୁଲ, ଫଳ, ବୋନସାଇ ଗଛ, ସୌନ୍ଦର୍ଯ୍ୟ ପ୍ରଦାନ କରୁଥିବା ବୃକ୍ଷ ପ୍ରଦର୍ଶନୀ ସହିତ ବିକ୍ରୟର ବ୍ୟବସ୍ଥା କରାଯିବ। ଏହି ଅବସରରେ ବୋନସାଇ ବିଶେଷଜ୍ଞମାନଙ୍କ ଦ୍ୱାରା ମାଗଣାରେ ତାଲିମ ପ୍ରଦାନ କରାଯିବ। ଏଥିରେ ଅଂଶଗ୍ରହଣ କରିବାକୁଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କ ମଧ୍ୟରେ 'ବୃକ୍ଷ ମୋ ବନ୍ଧୁ' ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା ୬ ତାରିଖ ପୂର୍ବାହ୍ଣ ୧୦ଟାରୁ ଅନୁଷ୍ଠିତ ହେବ। ବୃକ୍ଷପ୍ରେମୀମାନେ ଜାନୁୟାରୀ ୫ ପୂର୍ବାହ୍ଣ ୮ଟାରେ ନିଜ ଫୁଲ, ଫଳ ଗଛଚାରା ଏବଂ ବୋନସାଇ ଗଛ ନେଇ ପହଞ୍ଚିବାକୁ ଅନୁରୋଧ କରାଯାଇଛି। ଏହି ପ୍ରଦର୍ଶନୀ ପୂର୍ବାହ୍ଣ ୯ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲୁରହିବ ବୋଲି ଗ୍ରୀନ ଅନୁଗୋଳ ତରଫରୁ ମୁଖ୍ୟ ସଂଯୋଜକ ଡାକ୍ତର ଦେବାଶିଷ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ଦେବାଶିଷ ପଟ୍ଟନାୟକ, ବିନୋଦ ପ୍ରଧାନ, ପ୍ରଦୀପ ପ୍ରଧାନ ପ୍ରମୁଖ ଅନୁରୋଧ କରିଛନ୍ତି।

### ଜିଲା ଉତ୍କଳ ସମ୍ମିଳନୀର ଶୋକ

ଅନୁଗୋଳ ଅଫିସ, ୨।୧- ସ୍ୱାଧୀନତା ସଂଗ୍ରାମୀ ଦିବାକର ପ୍ରଧାନଙ୍କ ବିୟୋଗରେ ଅନୁଗୋଳ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ତାଙ୍କ ବିୟୋଗରେ ଗାନ୍ଧୀ ବିଚାରଧାରାରେ ବିଶ୍ୱାସ ରଖିଥିବା ଜଣେ ବରିଷ୍ଠ ସଂଗ୍ରାମୀକୁ ରାଜ୍ୟ ହରାଇଲା ବୋଲି ଅନୁଷ୍ଠିତ ଶୋକ ସଭାରେ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ୧୯୨୧ରେ ଜନ୍ମିତ ସ୍ୱର୍ଗତ ପ୍ରଧାନ ମାତ୍ର ୧୭ ବର୍ଷ ବୟସରେ କୋଶଳା ଠାରେ ତାଳଚେର ହିଜରାତ କ୍ୟାମ୍ପରେ ଜଣେ ସାମାଜିକକର୍ମୀ ଭାବେ ଯୋଗ ଦେଇଥିଲେ। ଏହାପରେ ସେ କାରାବରଣ କରିଥିଲେ। ସ୍ୱାଧୀନତା ପରେ ସେ ବାଜି ରାଉତ ଛାତ୍ରାବାସ ସହ ଜଡ଼ିତ ହୋଇ ସେଠାରେ ଶିକ୍ଷକତା କରିଥିଲେ। ଉତ୍କଳ ସମ୍ମିଳନୀର ଅନୁଗୋଳ-ସମ୍ବଲପୁର ସଭାପତି ପ୍ରଫେସର ମୀନକେତନ ପୁରୋହିତ, ସମ୍ପାଦକ ଧନେଶ୍ୱର ସାହୁ, ଉପସଭାପତି ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ପ୍ରମୋଦ କୁମାର ପରିଡ଼ା, ଶ୍ରୀକାନ୍ତ କୁମାର ସାହୁ, ଡ. ଶିଶିର କୁମାର ମିଶ୍ର, ସଚ୍ଚିଦାନନ୍ଦ ପାଢ଼ୀ, ବିଜୟ କୁମାର ସାହୁ ପ୍ରମୁଖ କର୍ମକର୍ତ୍ତା ଶୋକ ସଭାରେ ଯୋଗଦେଇଥିଲେ।

### ଦୁର୍ଘଟଣାରେ ୨ ଗୁରୁତର

ବନ୍ତଲା, ୨।୧ (ଡି.ଏନ.ଏ.)- ଅନୁଗୋଳ ଥାନା ଶାବଳଭଙ୍ଗା ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍ (ନଂ ଓଆର୍୧୯ଏଚ୍-୪୧୬୦) ସହ ମିନିବସ୍ (ନଂ. ଓଆର୍୦୫ ଏସ୍-୪୦୭୭)ର ଧକ୍କା ହୋଇଛି। ଏଥିରେ ବାଇକ୍‌ରେ ଥିବା ଦୁଇ ଜଣ ଗୁରୁତର ହୋଇଛନ୍ତି। ଖବରପାଇ ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ ଗୁରୁତରମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେମାନଙ୍କ ପରିଚୟ ମିଳି ନ ଥିଲେ ବି ଆଙ୍କୁଲା ଅଞ୍ଚଳର ବୋଲି କୁହାଯାଉଛି। ରାତିରେ ଦୁହିଁଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ନୂଆବର୍ଷରେ ପୋଲିସକୁ ଚ୍ୟାଲେଞ୍ଜ

# ସୁନା ଦୋକାନରେ କଳାକନା ବୁଲାଇଲେ

ଅନୁଗୋଳ ଅଫିସ, ୨।୧

ଅନୁଗୋଳ ପୋଲିସକୁ ନୂଆବର୍ଷରେ ଚ୍ୟାଲେଞ୍ଜ ଦେଇଛନ୍ତି ଦୁର୍ବୃତ୍ତ। ମଙ୍ଗଳବାର ବିଳମ୍ବିତ ରାତିରେ ସେମାନେ ଲକ୍ଷ୍ମୀ ବଜାରରେ ଥିବା ଏକ ସୁନା ଦୋକାନରେ ପଶି ଲକ୍ଷାଧିକ ଟଙ୍କାର ସୁନା, ରୁପା ଲୁଟି ନେଇଛନ୍ତି। ଅପରାଧ ରୋକିବା ପାଇଁ ସହରରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରାଯାଉଥିବା ବେଳେ ଦୁର୍ବୃତ୍ତମାନେ ତାହାକୁ ଖାତିର ନ କରି ସେମାନଙ୍କ କାର୍ଯ୍ୟକଳାପ ଜାରି ରଖିବା ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଲକ୍ଷ୍ମୀ ବଜାରରେ ଥିବା ସାଇ ସନ୍ତୋଷୀ ଅଳଙ୍କାର ୱାର୍କଶପ୍ ମାଲିକ ଗଙ୍ଗାଧର ସାହୁ ଅଭିଯୋଗ କରିଛନ୍ତି ଯେ, ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କ ଦୋକାନ ଉପରେ ପଡ଼ିଥିବା ଟିଣ ଛପର ତାଡ଼ି ୨୭ କିଲୋ



ଦୋକାନ ସମ୍ମୁଖରେ ପୋଲିସ ତଦନ୍ତ କରୁଛି ।

ଚାନ୍ଦି, ୬୦ ଗ୍ରାମ ସୁନା ଓ ଟଙ୍କା ଚୋରି କରିଛନ୍ତି। ବୁଧବାର ସକାଳେ ଦୋକାନ ଖୋଲିବାକୁ ଆସିବା ପରେ ଚୋରି ସମ୍ପର୍କରେ ସେ ଅବଗତ ହୋଇଥିଲେ। ଏହାପରେ ସେ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପାଇ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ନଂ. ୫/୧୯ରେ ଏକ ମାମଲା ରୁଜୁ କରିବା ସହ ସନ୍ଧାନୀ କୁକୁର ନେଇ ଘଟଣାସ୍ଥଳରେ ତଦନ୍ତ କରିଥିଲେ। ଏ ସମ୍ପର୍କରେ ଏସ୍‌ଡିପିଓ ହରିହର ପାଣି କହିଛନ୍ତି, ଦୁର୍ବୃତ୍ତମାନେ ହାଇସ୍କୁଲ ଦେଇ ଦୋକାନ ପଛପଟରେ ଆସିଥିଲେ। ଏହାପରେ ଉପରକୁ ଚଢ଼ି ଦୋକାନ ଛାତରେ ପଡ଼ିଥିବା ଦସ୍ତା ଖୋଲି ଲୁଟ ପାଟ କରିଥିଲେ। ସ୍ଥାନୀୟ ଦୁର୍ବୃତ୍ତମାନେ ଏପରି କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି।

ସେହିପରି ସୋମବାର ବିଳମ୍ବିତ ରାତିରେ କୁମଣ୍ଡରେ ଜିରୋ ନାଇଟ୍ ସେଲିବ୍ରେଶନ ବେଳେ ପୋଲିସକୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେଲିବ୍ରେଶନ ସ୍ଥାନରେ ଗଣ୍ଡଗୋଳ ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଥିଲା। ପିସିଆର ଭ୍ୟାନକୁ ଦେଖିବା ପରେ ଗଣ୍ଡଗୋଳ କରୁଥିବା ଯୁବକମାନେ ଅଧିକ ଉତ୍ୟକ୍ତ ହୋଇପଡ଼ିଥିଲେ। ସେମାନେ ଗାଡ଼ି ଉପରକୁ ଢେଲା ମାଡ଼ କରିଥିଲେ। ଫଳରେ ପିସିଆର ଭ୍ୟାନ୍ କାଚ ଭାଙ୍ଗିଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛି।

# ଜାଡ଼ରେ ଥରୁଛି ଅନୁଗୋଳ


ଲୋକେ ଘର ସମ୍ମୁଖରେ ନିଆଁ ଜାଳି ବସିଛନ୍ତି ।

ଅନୁଗୋଳ ଅଫିସ, ୨।୧

ହାଡ଼ ଭଙ୍ଗା ଶୀତରେ ଥରୁଛି ଅନୁଗୋଳ। ବିଗତ ବର୍ଷ ଅପେକ୍ଷା ଚଳିତବର୍ଷ ଶୀତ ଲହରୀ ଜନଜୀବନକୁ ଅଧିକ ପ୍ରଭାବିତ କରିଛି। ଅନୁଗୋଳରେ ଗତ କିଛି ଦିନ ହେବ ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଛି। ବୁଧବାର ସକାଳେ ପାରଦ ୨୫.୧ ଡିଗ୍ରୀ ରହିଥିଲେ ହେଁ ସନ୍ଧ୍ୟା ପରେ ତାହା ୭.୬ ଡିଗ୍ରୀକୁ ଖସିଆସିଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ବିଗତବର୍ଷଗୁଡିକୁ ଲକ୍ଷ୍ୟ କଲେ ଚଳିତ ବର୍ଷ ଅନୁଗୋଳରେ ପାରଦ ରେକର୍ଡ ଭାଙ୍ଗିଥିବା ଜଣାପଡ଼ିଛି। ଗତ ମଙ୍ଗଳବାର ମଧ୍ୟ ସହରର ତାପମାତ୍ରା ସର୍ବାଧିକ ୨୩.୧ ଓ ସର୍ବନିମ୍ନ ୬.୬ ଡିଗ୍ରୀ ରହିଥିଲା। ସୋମବାର ସକାଳେ ସର୍ବାଧିକ ୨୨.୭ ଓ ରାତିରେ ୫.୬ ଡିଗ୍ରୀକୁ ପାରଦ ଖସି ଆସିଥିଲା। ଏପରି ଶୀତ ଯୋଗୁ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସକାଳେ ଓ ସନ୍ଧ୍ୟାରେ ନିଆଁ ଜାଳି ଲୋକେ ଘେରି ବସୁଥିବା ବେଳେ ଜରୁରୀ କାମ ପଡ଼ିଲେ ହିଁ ସେମାନେ କେଉଁଠିକୁ ଯାଉଛନ୍ତି।

# ସଙ୍ଗଠନ ସମ୍ପର୍କରେ ଆଲୋଚନା


ବୈଠକରେ ବିଜେଡି କର୍ମକର୍ତ୍ତା ଓ କର୍ମୀମାନେ।

ତାଳଚେର,୨।୧(ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ବୁଧବାର ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ନିରଞ୍ଜନ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ଅଚାର୍ଯ୍ୟ, ରିତାରାଣୀ ଦାସ, ଈଶ୍ୱର ନାୟକ, ସଦାନନ୍ଦ ମହାରଣା, ଅଭିଷେକ ବାରିକ, ତନ୍ମୟ ସାହୁ, ସୁଷମା ନାୟକ, ଝୁନୁ ସ୍ୱାଇଁ, ସୌମ୍ୟ ସ୍ୱାଇଁଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଦଳୀୟ ସଙ୍ଗଠନ ବିଷୟରେ ଏଥିରେ ଆଲୋଚନା କରାଯିବା ସହ ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖି ଯୋଜନା ଘରେ ଘରେ ପହଞ୍ଚାଇବାକୁ କର୍ମକର୍ତ୍ତାମାନେ ଶପଥ ନେଇଥିଲେ। ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଗଦାଧର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ୭୦ ମହିଳାଙ୍କୁ ରନ୍ଧନ ଗ୍ୟାସ ପ୍ରଦାନ

କଣିହାଁ, ୨।୧(ଡି.ଏନ.ଏ.)

କଣିହାଁ ବ୍ଲକ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କାକୁଡିଆ ପଞ୍ଚାୟତ ଅଫିସ୍‌ଠାରେ ମହିଳା ହିତାଧିକାରୀଙ୍କୁ ରନ୍ଧନ ଗ୍ୟାସ୍ ବଣ୍ଟନ କରାଯାଇଛି। ଛେଣ୍ଡିପଦା ସରଳିଆ ଏଜେନ୍ସି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ସରପଞ୍ଚ ଡିଲେଶ୍ୱର ନାଏକ, ଲୋକନାଥ ସାହୁ, ଗ୍ୟାସ ଏଜେନ୍ସିର ଜଗତାମୋହନ ପଣ୍ଡା ଯୋଗ ଦେଇଥିଲେ। ମୋଟ ୭୦ ମହିଳା ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ ସହ ଏହାର ବ୍ୟବହାର ଉପରେ ସେମାନଙ୍କୁ ପରାମର୍ଶ ଦେଇଥିଲେ। କାଠି ସାହୁ, ଟୁନା ପ୍ରଧାନ, କବିରାମ ସାହୁ, ମଧୁସୂଦନ ସାହୁ ପ୍ରଧାନ ସହଯୋଗ କରିଥିଲେ।

ତାଳଚେର ମହାବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ

# ୧୦ରୁ ସୃଜନିକା–୨୦୧୯

ତାଳଚେର,୨।୧(ନି.ପ୍ର.)

ତାଳଚେର କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ ସୃଜନିକା–୨୦୧୯ ଆସନ୍ତା ୧୦ ଓ ୧୧ ତାରିଖରେ ତାଳଚେର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ବୁଧବାର ପ୍ରେସ୍‌କ୍ଲବ ଠାରେ ଅନୁଷ୍ଠିତ ହୋଇଥିଲା। ପରିଷଦ ସଭାପତି ଡ. ପ୍ରଶାନ୍ତ କୁମାର ରଥ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଦୀପକ କୁମାର ପ୍ରଧାନ ସଙ୍ଗଠନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଏକକ ନୃତ୍ୟ, ସଙ୍ଗୀତ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହେବ। ଆଗ୍ରହୀ ପ୍ରତିଯୋଗୀ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ଜରିଆରେ ଏଥିରେ ଭାଗ ନେଇପାରିବେ। ଉତ୍ସବରେ ତାଳଚେର ତଥା ଜିଲାର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟସୂଚୀ ରହିଛି। କୋଷାଧ୍ୟକ୍ଷ ସଞ୍ଜୀବ ପଟ୍ଟନାୟକ, ସହ ସମ୍ପାଦକ ଡ. ଉପେନ୍ଦ୍ର ପରିଡ଼ା, ସୁଧୀର ସାମନ୍ତ, ଜିତେନ୍ଦ୍ର ମହାପାତ୍ର, ଆବାହକ ଶିତିକାନ୍ତ ବାରିକ, ଉପଦେଷ୍ଟା ଡ. ଦେବୀ ପ୍ରସାଦ ମିଶ୍ର, ସୁରେଶ ଚନ୍ଦ୍ର ପଟ୍ଟନାୟକ, ସୁନୀଲ ସିଂ, କ୍ଷୀରୋଦ ସାହୁ, ବାଉରୀବନ୍ଧୁ ବେଜ ପ୍ରମୁଖ ଉପସ୍ଥିତ ଥିଲେ। ଜିତେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।


ବୈଠକରେ ଯୋଗ ଦେଇଥିବା ତାଳଚେର କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର ସଦସ୍ୟମାନେ।

# କୃଷକ ସମ୍ପର୍କ ଆଲୋଚନା ପାଇଁ ବୈଠକ

ଅନୁଗୋଳ ଅଫିସ, ୨।୧

କାଳିଆ ଯୋଜନାର କାର୍ଯ୍ୟକାରିତାକୁ ନେଇ ବୁଧବାର ପୂର୍ବାହ୍ଣରେ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସବ୍‌ଡିଭିଜନ ସ୍ତରୀୟ କାର୍ଯ୍ୟକାରିତା କମିଟି ବୈଠକରେ ଅନୁଗୋଳ ସମବାୟ ସମିତି ସମ୍ପାଦକ ଭକ୍ତେଶ୍ୱର ମଲ୍ଲିକ ଉପସ୍ଥିତ ଥିଲେ। କାଳିଆ ଯୋଜନା ଅନ୍ତର୍ଗତ କୃଷକ ସମ୍ପର୍କ ଅଭିଯାନ କିଭଳି ଠିକ୍ ଭାବେ କାର୍ଯ୍ୟ କରିବ ସେ ନେଇ ବୈଠକରେ ଆଲୋଚନା ହୋଇଯାଇଥିଲା। ତେବେ ପ୍ରକୃତ ଚାଷୀ ଯେଭଳି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ ନିମନ୍ତେ ବ୍ୟାପକ ଜନସଚେତନା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ଯୋଜନାରେ କ୍ଷୁଦ୍ର, ଋଣୀ, ଅଣଋଣୀ ଚାଷୀ, ଭାଗଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରିବାକୁ ସମ୍ପାଦକ ମଲ୍ଲିକ ଅଧିକାରୀମାନଙ୍କୁ କହିଥିଲେ। ସେହିପରି ସରକାରୀ ଚାକିରି କରିଥିବା କର୍ମଚାରୀ ବା ଅବସରପ୍ରାପ୍ତ କର୍ମଚାରୀଙ୍କ ସହ ଆୟକର ଦେଉଥିବା କୌଣସି ଅଧିକାରୀ ଉକ୍ତ ଯୋଜନାରେ ଯେଭଳି ସାମିଲ ନ ହେବେ ସେ ନେଇ ମଧ୍ୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ ବସିଥିବା ସବୁଜ ଓ ଲାଲ ବାକ୍ସ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ତାହା ଉପରେ ଧ୍ୟାନ ଦେବାକୁ ମଲ୍ଲିକ ପରାମର୍ଶ ଦେଇଥିଲେ। ଏହି ବୈଠକରେ କୃଷି ସମବାୟ ସମିତି କର୍ମଚାରୀ, ସବ୍ ଡିଭିଜନ୍‌ରେ ଥିବା ରାଜସ୍ୱ ବିଭାଗ କର୍ମଚାରୀ, ବିଡିଓ, ତହସିଲଦାର ଓ କୃଷି ତଥା ଆନୁସଙ୍ଗିକ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

ନବବର୍ଷରେ ବିଶ୍ୱଶାନ୍ତି ମହାଯଜ୍ଞ

# ଏକାଠି ଭୋଜି ଖାଇଲେ ୫୦ ହଜାର ଶ୍ରଦ୍ଧାଳୁ

ବନ୍ତଲା, ୨।୧ (ଡି.ଏନ.ଏ.)



ନୂତନ ବର୍ଷକୁ ଅଭିନନ୍ଦନ ଜଣାଇବା ସହ ଦେଶର ସୁଖ, ଶାନ୍ତି, ସମୃଦ୍ଧି ତଥା ଲୋକଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ମଙ୍ଗଳବାର ବନ୍ତଲା ଥାନା ବଡ଼କେରା ପଞ୍ଚାୟତରେ ଥିବା ତୁମୁଣି କୁକୁଟେଶ୍ୱର ଶୈବପୀଠ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ପକ୍ଷରୁ ମହାଯଜ୍ଞର ଆୟୋଜନ କରାଯାଇଥିଲା। ସୋମବାର ୧ ଶହରୁ ଊର୍ଦ୍ଧ୍ୱ ଗ୍ରାମର ମହିଳା ମୂଷାପାପୁଲି ନିକଟ ମାଟେଳିଆ ନାଳରୁ କଳସରେ ପାଣି ଆଣି ବିରାଟ ଶୋଭାଯାତ୍ରାରେ ଦୀର୍ଘ ୭ କିଲୋମିଟର ଚାଲି ମନ୍ଦିର ନିକଟରେ ପହଞ୍ଚିଥିଲେ। କମିଟି ସଭାପତି ପ୍ରସନ୍ନ କୁମାର ସାହୁ, କୋଷାଧ୍ୟକ୍ଷ ଦୟାନିଧି ସାହୁଙ୍କ ନେତୃତ୍ୱରେ ବଡ଼କେରା, ମାଟିଆସାହି, ଧୋକୁଟା, ରନ୍ତଲେଇ, ମାଣିକଯୋଡ଼ି, ପୋକତୁଙ୍ଗା, ଶରଧାପୁର, ନୂଆଁମୌଜା ଓ ତୁବେ ଆଦି ୧୦ ପଞ୍ଚାୟତବାସୀଙ୍କ ସହଯୋଗରେ ଏହି ଉତ୍ସବ ପାଳନ ହୋଇଥିଲା। ଜ୍ୟୋତିରଞ୍ଜନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଦୀନବନ୍ଧୁ ପାଳ, ପଦ୍ମନାଭ ପାଳ, ଉମେଶ ଚନ୍ଦ୍ର ତ୍ରିପାଠୀ, ଶ୍ରୀକାନ୍ତ ମିଶ୍ର, ମନୋରଞ୍ଜନ ପାଳ ପ୍ରମୁଖ ଯଜ୍ଞ କାର୍ଯ୍ୟ କରିଥିଲେ। ବାଲୁଅକଟା ରାଜା ରୁଦ୍ରନାରାୟଣ ବୀରବର ମହେନ୍ଦ୍ର ଜଗଦେବ ଓ ତାଙ୍କ ସ୍ତ୍ରୀ ଗୌରୀବାଳା ଦେବୀ କର୍ତ୍ତା ଭାବେ ଉପସ୍ଥିତ ଥିଲେ। ୪୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଜିଲାର ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ନିରାମିଷ ଭୋଜିରେ ଯୋଗଦାନ କରିଥିଲେ। ଏହି ଉତ୍ସବ ପାଇଁ ମନ୍ଦିର ନିକଟରେ ଅସ୍ଥାୟୀ ଦୋକାନବଜାର ଖୋଲିଥିଲା। ଟ୍ରାଫିକ ସୁରକ୍ଷା ପାଇଁ ତୁମୁଣି, ରଗୁଡ଼ିଆପଡ଼ା, ତେଲିତଇଳା, ବଡ଼କେରା, ଗୁରଙ୍ଗ, ଶାସନ ବଜାର ଆଦି ଗ୍ରାମର ଯୁବ ଗୋଷ୍ଠୀ ଦାୟିତ୍ୱ ତୁଲାଇଥିଲେ। ବନ୍ତଲା ଥାନା ଆଇଆଇସି ସବ୍ୟସାଚୀ ରାଉତଙ୍କ ନେତୃତ୍ୱରେ ୩ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳ ବଣ୍ଟନ କରାଯାଇଥିଲା।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ